

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୯୪ ● ୧ ମଇ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-94 ● 1st May 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24

## ପ୍ରାର୍ଥୀପତ୍ର ଦାଖଲ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ଛତ୍ରପୁର, ୩୦।୪ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ବିଧାନସଭା ଆସନ ପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଦାଖଲ ବେଳେ ତାଙ୍କ ସହ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ପ୍ରମୁଖ ଉପସ୍ଥିତ ଥିଲେ। ମେ' ୨୦ରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଆସନ ପାଇଁ ମତଦାନ ହେବାକୁ ଥିବାବେଳେ ଷଷ୍ଠଥର ପାଇଁ ନବୀନ ଏଠାରୁ ନିର୍ବାଚନ ଲଢ଼ୁଛନ୍ତି। ଜିଲ୍ଲା ସଦର ମହକୁମା ଛତ୍ରପୁର ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସକାଳ ୧୧ଟାରେ ଛତ୍ରପୁର ନିକଟସ୍ଥ ନରସିଂହପୁର ଛକସ୍ଥିତ ହେଲିପ୍ୟାଡରେ ମୁଖ୍ୟମନ୍ତ୍ରୀ ଓହ୍ଲାଇଥିଲେ। ସେଠାରୁ କାରରେ ମା'ତାରାତାରିଣୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା ପରେ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।



ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୋମବାର ଦକ୍ଷିଣାଞ୍ଚଳ ଆଇଜି ଜୟନାରାଣ ପଙ୍କଜ ଓ ଗଞ୍ଜାମ ଏସ୍.ପି. ଜଗମୋହନ ମୀନା ଅସ୍ଥାୟୀ ହେଲିପ୍ୟାଡ ଅଞ୍ଚଳ, ଛତ୍ରପୁର ଉପଜିଲ୍ଲାପାଳ ଅଫିସ ଓ ସହରର ବିଭିନ୍ନ ଇଲାକାରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

## ଚିକିଟିରେ ପ୍ରଦୀପ ପାଣିଗ୍ରାହୀଙ୍କ ନାଁ ନନେଇ ଟାର୍ଗେଟ କଲେ କାର୍ତ୍ତିକ ପାଣ୍ଡିଆନ

**ଛତ୍ରପୁର, ୩୦।୪**

**ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳ ପାଇଁ ତୋଫାନୀ ଗସ୍ତ କରି ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା ଓ କୋରାପୁଟ ପରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି।

ମଙ୍ଗଳବାର ଶ୍ରୀ ପାଣ୍ଡିଆନ୍ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଜପତି ଜିଲ୍ଲାର ମୋହନା ଓ ଗଞ୍ଜାମ ଜିଲ୍ଲାର ଚିକିଟି ବିଧାନସଭା ଅଞ୍ଚଳ ଗସ୍ତ କରି ଦଳୀୟ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ମୋହନା ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଓ ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପଦେବଙ୍କୁ ରେକର୍ଡ ମାର୍ଜିନରେ ଭୋଟ ଦେଇ ଜିତେଇବାକୁ ଆହ୍ୱାନ ଦେଇଛନ୍ତି । ୯୫ ପ୍ରତିଶତ ଭୋଟ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିପୁଳ ବିଜୟ ହାସଲ କରିବାକୁ ନିବେଦନ କରିଛନ୍ତି।

ଶ୍ରୀ ପାଣ୍ଡିଆନ ବିରୋଧୀ ଦଳଙ୍କ ପ୍ରତି ଶାଣିତ ନିଶାଣ କରି କହିଥିଲେ ଯେ ଜେଲ୍ ଯାଇ ବେଲ୍‌ରେ ଆସିଥିବା ବ୍ୟକ୍ତିଙ୍କୁ ଆମେ ଜେଲ ପଠାଇବା, ସଂସଦକୁ ନୁହେଁ । ଅପରାଧୀ ମାନଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ ହେଉଛି ଜେଲ୍। କିନ୍ତୁ ବିରୋଧୀ ତାଙ୍କୁ ପ୍ରାର୍ଥୀ



କରୁଛନ୍ତି । ଆମେ ତାଙ୍କୁ ତାଙ୍କର ଉଚିତ ସ୍ଥାନ ଦେଖାଇବା । ବିରୋଧୀ ସବୁବେଳେ ବଡ ବଡ କଥା କହିଥାନ୍ତି ବୋଲି ମତ ଦେଇ ସେ କହିଥିଲେ ଯେ କାମ ବେଳକୁ ତାଙ୍କର ଦେଖା ନ ଥାଏ, ଖୋଜିଲେ ବି ପାଇବେନି । ଏଭଳି ଲୋକଙ୍କ ଠାରୁ ଦୂରରେ ରୁହନ୍ତୁ।

ବିରୋଧୀ ବାରମ୍ବାର ଡବଲ ଇଞ୍ଜିନ କଥା କହୁଛନ୍ତି । କିନ୍ତୁ ଗରିବ ଲୋକଙ୍କୁ ଭତ୍ତା ଦେଲା ବେଳକୁ ଦେଉଛନ୍ତି ମାତ୍ର ୩୦୦ ଟଙ୍କା। ଓଡିଶାରେ ନବୀନ ଇଞ୍ଜିନ ଦେଉଛି ୧୦୦୦ ଟଙ୍କା।

ଚିକିଟିରେ ଦଳର ବରିଷ୍ଠ ନେତ୍ରୀ ଉଷା ଦେବୀଙ୍କୁ ସମ୍ମାନ ଜଣାଇ ସେ କହିଥିଲେ ଯେ ତାଙ୍କ ସହିତ ଗଭୀର ସଂପର୍କ ରହିଛି । ୧୫-୧୬ ବର୍ଷ ହେଲାଣି ମୁଁ ତାଙ୍କୁ ଜାଣିଛି । ସେ ମୋତେ ପୁଅ ବୋଲି ସମ୍ବୋଧନ କରନ୍ତି । ତାଙ୍କ ପ୍ରତି ମୋର ବହୁତ ସମ୍ମାନ ରହିଛି ବୋଲି ସେ କହିଥିଲେ ।

ଦଳୀୟ କର୍ମୀମାନଙ୍କୁ ସତର୍କ କରି ସେ କହିଥିଲେ ଯେ ଆପଣମାନେ ସଜାଗ ରୁହନ୍ତୁ। ବିରୋଧୀ ପ୍ରାର୍ଥୀମାନେ ଆସୁଛନ୍ତି ଆଉ ଲୋକଙ୍କୁ ମିଛ କହି ଠକୁଛନ୍ତି, ତେଣୁ ଆପଣମାନେ ସତର୍କ ରୁହନ୍ତୁ ଆସନ୍ତୁ, ଆମେ ସମସ୍ତେ ମିଶି ଭଲ କାମ କରିବା, ଓଡିଶାକୁ ଆଗେଇ ନେବା।

ଐତିହ୍ୟ ସ୍ଥଳ ରୂପାନ୍ତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ସବୁ *(ପୃଷ୍ଠା ୭ରେ)*

### ଛୁଟି ଘୋଷଣା

ଶ୍ରମିକ ଦିବସ ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୧.୫.୨୦୨୪ (ବୁଧବାର)ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨.୫.୨୦୨୪ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

## ବଞ୍ଚିଥିବା ପର୍ଯ୍ୟନ୍ତ ମୁସଲିମ ସଂରକ୍ଷଣ ଦିଆଯିବ ନାହିଁ : ମୋଦି

**ନୂଆଦିଲ୍ଲୀ, ୩୦।୪**


ତେଲେଙ୍ଗାନାରେ ଧର୍ମ ଭିତ୍ତିକ ସଂରକ୍ଷଣକୁ ନେଇ ବଡ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଯେ ପର୍ଯ୍ୟନ୍ତ ସେ ଜୀବିତ ଅଛନ୍ତି, ଦେଶର ମୁସଲମାନମାନଙ୍କୁ ଧର୍ମ ଆଧାରରେ ସଂରକ୍ଷଣ ଦିଆଯିବ ନାହିଁ । ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ ଯେ ପର୍ଯ୍ୟନ୍ତ ସେ ବଞ୍ଚିରହିବେ ଅନୁସୂଚିତ ଜାତି, ଜନଜାତି ଓ ଓବିସିଙ୍କ ବଦଳରେ ଧର୍ମ ଆଧାରରେ ମୁସଲମାନମାନଙ୍କୁ ସଂରକ୍ଷଣ ଦେବାକୁ ସେ ଅନୁମତି ଦେବେ ନାହିଁ । ମେଡକ ଜିଲ୍ଲାରେ ଏକ ନିର୍ବାଚନୀ ରାଲିକୁ *(ପୃଷ୍ଠା ୭ରେ)*



## ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ କାହିଁକି ଗିରଫ କଲ ? ଇଡିକୁ ପ୍ରଶ୍ନ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୩୦।୪**

ସାଧାରଣ ନିର୍ବାଚନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ସମୟକୁ ନେଇ ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ପ୍ରଶ୍ନ କରିବା ସହ ଜବାବ ତଲବ କରିଛନ୍ତି । ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ଏସ ଭି ରାଜୁଙ୍କୁ ଗିରଫଦାରି ସମୟ ସଂପର୍କିତ ପ୍ରଶ୍ନର ଉତ୍ତର ଦେବାକୁ କହିଛନ୍ତି । ଶୁଣାଣି ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ଇଡିକୁ କହିଥିଲେ, ଜୀବନ ଓ ସ୍ୱାଧୀନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣ ଏହାକୁ ଅସ୍ୱୀକାର କରିପାରିବେ ନାହିଁ।



ଖଣ୍ଡପୀଠ ରାଜୁଙ୍କୁ ଆହୁରି ଅନେକ ପ୍ରଶ୍ନ ପଚାରିବା ସହ ଅବକାରୀ ନୀତି ଦୁର୍ନୀତି ମାମଲାରେ କେଜ୍ରିୱାଲଙ୍କ ଗିରଫଦାରୀକୁ ଚ୍ୟାଲେଞ୍ଜ କରିଥିବା *(ପୃଷ୍ଠା ୭ରେ)*

### ଏକାଳ ସେକାଳ



କଣ କରିବା ନେତା ଗୁଡାଙ୍କୁ ଯେ
ଗେଜେଗେଜେ ଦିନରାତି
ଆସନ ପାଇଁକି ସବୁ ସର୍କସ
ତେଲ ପାଣି ମଧ୍ୟେ ପ୍ରୀତି
ଫୁଲ୍ ଅଦ୍ଭୁତ ଜାତି
ସତର୍କ ସଜାଗ ନରହିଲେ ଜନେ
ବଦଳେଇ ଦେବେ ଗତି।

## ଜଳୁଛି ଓଡ଼ିଶା: ୪୪ ଡିଗ୍ରୀ ଉପରେ ୧୫ ସହର, ସର୍ବକାଳୀନ ରେକର୍ଡ ଭାଙ୍ଗିଲା ବାରିପଦା

**ଭୁବନେଶ୍ୱର, ୩୦।୪**

**ନ୍ୟୁଜ୍ ବ୍ୟୁରୋ**

ସାରା ଓଡ଼ିଶା ପ୍ରବଳ ଖରାରେ ଜଳୁଛି। ଘରୁ ବାହାରିଲେ ତାତିର ସାମ୍ନା କରିବାକୁ ପଡୁଛି। ମଙ୍ଗଳବାର ରାଜ୍ୟର ୧୫ଟି ସହରରେ ତାପମାତ୍ରା ୪୪ଡ଼ିଗ୍ରୀ କିମ୍ବା ତାଠାରୁ ଅଧିକ ରେକର୍ଡ ହୋଇଛି । ଚଳିତ ବର୍ଷ ରାଜ୍ୟରେ ସର୍ବାଧିକ ତାପମାତ୍ରା ମଙ୍ଗଳବାର ରେକର୍ଡ ହୋଇଛି । ବାରିପଦାରେ ସର୍ବାଧିକ ୪୬. ୪ ଡ଼ିଗ୍ରୀ, ବାଲେଶ୍ୱରରେ ୪୬ ଡ଼ିଗ୍ରୀ ଏବଂ ଭୁବନେଶ୍ୱରରେ ତାପମାତ୍ରା ୪୫.୪ ଡ଼ିଗ୍ରୀ ଛୁଇଁଛି । କେବଳ ସେତିକି ନୁହେଁ ରାଜ୍ୟର ୨୯ଟି ସହରରେ ତାପମାତ୍ରା ୪୨ଡ଼ିଗ୍ରୀ କିମ୍ବା ତାଠାରୁ ଅଧିକ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ



ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୪୬.୪ଡ଼ିଗ୍ରୀ ରେକର୍ଡ ହୋଇଛି । ଏହା ହେଉଛି ଏପ୍ରିଲ ମାସର ସର୍ବୋଚ୍ଚ ଦିନ ତାପମାତ୍ରାର ସର୍ବକାଳୀନ ରେକର୍ଡ । ରାଜଧାନୀରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ତାପମାତ୍ରା ୪୫ ଡ଼ିଗ୍ରୀ ଅତିକ୍ରମ କରିଛି ।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆହୁରି ୩ ଦିନ ଆକାଶରୁ ଅଗ୍ନିବର୍ଷା ହେବ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଜାରି ରହିବ। ଗ୍ରୀଷ୍ମ ପ୍ରବାହ ଯୋଗୁଁ ପାଣିପାଗ ବିଭାଗ ରାଜ୍ୟର ଅନେକ ଜିଲ୍ଲାକୁ ରେଡ *(ପୃଷ୍ଠା ୭ରେ)*

## ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ଭୁବନେଶ୍ୱର, ୩୦।୪ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ (ଦେଶରେ ଚତୁର୍ଥ ପର୍ଯ୍ୟାୟ) ମତଦାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ଆସନ୍ତା ମଇ ୧୩ ତାରିଖରେ ମତଦାନ ହେବ। ମତଦାନ ପାଇଁ ଚୂଡ଼ାନ୍ତ ମତଦାତା ତାଲିକା ଏପ୍ରିଲ ୨୫ ତାରିଖରେ ପ୍ରକାଶିତ ହୋଇଛି।

ଏହି ପର୍ଯ୍ୟାୟ ପାଇଁ ୪ଟି ସଂସଦୀୟ କ୍ଷେତ୍ର ଅଧିନରେ ମୋଟ ୬,୨୮୭,୨୨୨ ଜଣ ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରେ ୩,୦୯୭,୫୨୭ ଜଣ ପୁରୁଷ, ୩,୧୮୯,୦୬୦ ଜଣ ମହିଳା ଓ ୬୩୫ ଜଣ ତୃତୀୟଲିଙ୍ଗୀ ମତଦାତା ରହିଛନ୍ତି। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ *(ପୃଷ୍ଠା ୭ରେ)*

DADLS-08



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ମଇ ଦିବସ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR : 15001/13/0019/2425

## ଭୁଶୁଡୁଛି ମାଓ ଦୁର୍ଗ: ୧୬ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୩୦।୪ : ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ବିଜାପୁର ପୁଲିସକୁ ମିଳିଛି ବଡ଼ ସଫଳତା। ବିଜାପୁର ପୁଲିସ ନିକଟରେ ୧୬ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୧୬ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଏମାନଙ୍କ ମଧ୍ୟରୁ ପିଏଲଜିଏ ସଦସ୍ୟ, ଏଲଓଏସ କମାଣ୍ଡର, କେଏଏମଏସ ସଦସ୍ୟ,ଏଲଜିଏସ ସଦସ୍ୟ, ମିଲିସିଆ ଡେପୁଟି କମାଣ୍ଡର ପ୍ରମୁଖ ରହିଛନ୍ତି । ଏମାନଙ୍କ ନାମରେ ସରକାର ୧୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ।

ସରକାରଙ୍କର ପୁନଃ ଥଇଥାନ ନୀତିରେ ପ୍ରଭାବିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ପୁଲିସ କହିଛି । ଏମାନଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ ସହ ଆତ୍ମନିର୍ଭରଶୀଳ ପାଇଁ ତାଲିମ ଦିଆଯିବ। ସଂଗଠନରେ ଲଗାତାର ପୁଲିସର ଚଢଉ ଏବଂ କୌଣସି ଲକ୍ଷ୍ୟ ନେଇ ସଂଗଠନର କ୍ୟାଡରମାନେ କାମ କରୁନଥିବା ଯୋଗୁଁ ଏମାନେ ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଛନ୍ତି। ପିଏଲଜିଏ ସଦସ୍ୟ ଅରୁଣ କଡତି ମଧ୍ୟ ଆତ୍ମସମର୍ପଣ କରିଛି । *(ପୃଷ୍ଠା ୭ରେ)*





# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ଓ ଅଯୋଗ୍ୟଙ୍କୁ ବାଦ୍ ଦାବିରେ ଧାରଣା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାର ମଞ୍ଚ ବୌଦ୍ଧ ପକ୍ଷରୁ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ପ୍ରାୟ ୫ ମାସରେ ପହଞ୍ଚିଛି। ସୂଚନାରୁ ପ୍ରକାଶ ଯେ ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡା ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବାଦ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାର କୌଣସି ସମାଧାନ ନ କରିବାରୁ ୬ ଡିସେମ୍ବର ୨୦୨୩ରୁ ସଙ୍ଘ ପକ୍ଷରୁ ଧାରଣା ଦିଆଯାଇଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାରଣା ପ୍ରତ୍ୟାହାର କରିବାକୁ ଚେଷ୍ଟା କରାଯାଇଥିଲେ ବି ବିଫଳ ହୋଇଥିଲା। ବାସଗୃହ ଭଳି ମୌଳିକ ଅଧିକାର ପାଇବା ପାଇଁ ଏହି ଧାରଣା ଚାଲିଥିବା ବେଳେ ତାହା ପୁଣି କେବଳ ପଞ୍ଚାୟତ ପାଇଁ ନୁହେଁ ବରଂ ଗ୍ରାମ ସଭାରେ ଯୋଗ୍ୟ ହିତାଧିକାରୀ ଚୟନ ପରେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ବ୍ଲକର ପ୍ରତିଟି ବ୍ୟକ୍ତିଙ୍କ ପାଇଁ ଡିସେମ୍ବର ଓ ଜାନୁଆରୀର ହାଡ଼ଭଙ୍ଗା ଶୀତ ହେଉ କି ମାର୍ଚ୍ଚ ଓ ଏପ୍ରିଲର ମୁଣ୍ଡ ପଟା ଖରା, ତାଙ୍କୁ କିଛି ବି ବିଚଳିତ କରିପାରି ନାହିଁ ବ୍ଲକ ଅଫିସ୍ ଆଗରେ ଜରିପାଲ ଟଣା ତମ୍ବୁ ତଳେ ଚଳାଇଛନ୍ତି ଅହୋରାତ୍ର ଧାରଣା। ସେଠାରେ ଲାଗିଥିବା ବ୍ୟାନର ଅନୁସାରେ ଗ୍ରାମସଭା ଦ୍ୱାରା ଚୟନ ହୋଇଥିବା ଯୋଗ୍ୟହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିନାହିଁ ସେଥିପାଇଁ ସେମାନେ ଏକ ସଂଗଠନ କରି ଏଭଳି ପ୍ରତିବାଦ ଜଣାଉଛନ୍ତି ତାହା ପୁଣି ଗତ ଡିସେମ୍ବର ମାସରୁ। ତେବେ ପ୍ରଥମେ ଏହି ସଂଗଠନ ଶତାଧିକ ମହିଳା ଓ ପୁରୁଷ



ସାମିଲ ଥିବା ବେଳେ ଦୀର୍ଘ ଦିନ ହୋଇଥିବାରୁ ଏବେ ପାଳି କରି ଧାରଣା ଦେଉଛନ୍ତି। ତେବେ ବୁଧବାର ଗ୍ରାମର ଜଣେ ବୟସ୍କ ବ୍ୟକ୍ତି ଖେଡୁ ପ୍ରଧାନ ଥିଲେ। ତାଙ୍କ ସାଥିରେ ଗ୍ରାମର ଆଉ ଦୁଇ ଜଣ ବ୍ୟକ୍ତି ଥିଲେ। ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ଗାଁ ସଭା ବସି ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀ ତାଲିକାରେ ତାଙ୍କର ନାଁ ଥିଲା। କିନ୍ତୁ ତାଙ୍କୁ ସରକାରୀସହାୟତା ମିଳିଲା ନାହିଁ କେବଳ ସେ ନୁହେଁ, ତାଙ୍କ ପଞ୍ଚାୟତର ପ୍ରାୟ ୧୫୦ ପରିବାରଙ୍କୁ ଗ୍ରାମସଭାରେ ଯୋଗ୍ୟ ହିତାଧିକାରୀ ଚୟନ କରାଯାଉଥିଲା। କିନ୍ତୁ ମାତ୍ର ୫୦ ପରିବାରଙ୍କୁ ସରକାରୀ ସ୍ତରରେ ମନୋନୀତ କରାଗଲା ସେଥିରେ ଖେଡୁଙ୍କ ପରିବାର ବାଦ ପଡିଥିଲା। ତେଣୁ ପରିଣତ ବୟସରେ କି ସେ ଧାରଣା ଦେବାକୁ ଆଗଭର ହୋଇଥିବା କହିଥିଲେ। ତାଙ୍କ ସହ ସେହି ମାଳିସାହି ଗ୍ରାମର ନାରାୟଣ ବଗର୍ତ୍ତି ମଧ ଧାରଣ।ଦେଉଛନ୍ତି। ଯେଉଁ ୫୦ ପରିବାରଙ୍କୁ ମନୋନୀତ କରାଯାଇଥିଲା, ସେଥିରେ ନାରାୟଣଙ୍କ ନାଁ ଥିଲା କିନ୍ତୁ ଗାଁ ରେ ମନୋନୀତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଦାବି କରି ସେ ବି ଧାରଣା ଦେଇଥିବା ପ୍ରକାଶ କରିଛନ୍ତି।ତେବେ ସ୍ଥାନୀୟ ବିଧାୟକ ବିଭାଗୀୟ ମନ୍ତ୍ରୀ ଥାଇ ଆନ୍ଦୋଳନ-କାରୀଙ୍କ ସହିତ ଆଲୋଚ଼ନା ନକରିବା ପରିତାପର ବିଷୟ। ଆଗରୁ ସାଧାରଣ ନିର୍ବାଚ଼ନ ଥିବା ବେଳେ ଏହି ଧାରଣା ଦୀର୍ଘ ୫ ମାସ ହେଲା ଚ଼ାଲିଥିବାରୁ ଶାସକ ଦଳକୁ ଏହା ବୁମେରାଂ ହେବ ବୋଲି ଆଲୋଚ଼ନା ହେଉଛି।

# ଆନନ୍ଦପୁରରେ ବିଜେପିର ମାରାଥନ ପ୍ରଚାର

**କେନ୍ଦୁଝର, ନ୍ୟୁଜ୍**

ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୩୬ ନମ୍ବର ଜୋନ୍‌ରେ ଭାରତୀୟ ଜନତା ପାର୍ଟି ତରଫରୁ ମଟର-ସାଇକେଲ୍ ମାଧ୍ୟମରେ ରୋଡ୍ ଶୋ' ଆୟୋଜିତ ହୋଇ ଯାଇଛି। ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଏବଂ ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଏକ ଖୋଲା ଗାଡ଼ିରେ ଭୋଟରମାନଙ୍କ ଦୃଷ୍ଟି ଆକର୍ଷଣ



କରିବା ସହ ଯୋଡ ହସ୍ତରେ ଜନତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ମୋଟର ସାଇକେଲରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଏହି ଅଭିଯାନରେ ସାମିଲ୍ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ସମୃଦ୍ଧ ଭାରତ ଗଠନର ପ୍ରକ୍ରିୟାକୁ ଗତିଶୀଳ କରିବାପାଇଁ ବିଜେପି ହାତମୁଠାକୁ ଟାଣ କରିବାକୁ ନିବେଦନ ନିବେଦନ କରିଥିଲେ ପ୍ରାର୍ଥୀ ଦୁହେଁ। ଦଳର ଏହି ଅଭିଯାନରେ ସ୍ଥାନୀୟ କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ପ୍ରଶାସନିକ ଅବହେଳାରୁ ୩୦ ମାସ ହେଲା ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ବିଭିନ୍ନ ଗାଁରେ ସରକାରଙ୍କ ଯୋଜନା ଠିକ୍ ଲୋକଙ୍କ ପାଖରେ ପହଞ୍ଚ ପାରୁନାହିଁ ବୋଲି ଅଭିଯୋଗ ହୋଇଛି। କେଉଁଠି କାଗଜ ପତ୍ରର ତ୍ରୁଟି ତ କେଉଁଠି ଜାଣି ଶୁଣି ଭୁଲ ତଥ୍ୟ ଦ୍ୱାରା ଲୋକଙ୍କ ପାଖରେ ଯୋଜନା ପହଞ୍ଚ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତର ଜାମପଖାଳ ଗାଁରେ ୭୪ ବର୍ଷୀୟ ବୃଦ୍ଧ ସୁଦାବନ ପ୍ରଧାନଙ୍କ କ୍ଷେତ୍ରରେ। ସୁଦାବନ ଗତ ସେପ୍ଟେମ୍ବର ମାସ ୧୫/୯/୨୦୨୧ ତାରିଖରେ ଶେଷ ଥର ଭତ୍ତା ଟଙ୍କା ପାଇଥିଲେ ତା'ପରେ ଏବେ ପର୍ଯ୍ୟନ୍ତ ଦୀର୍ଘ ୩୦ ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଭତ୍ତା ମିଳୁନଥିବା ନେଇ ବାରମ୍ବାର ଜଣାଇ ଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି ଅସହାୟ ସୁଦାବନ। ବର୍ତ୍ତମାନ ସୁଦାବନ ନିଜେ ଚାଲି ପାରୁନଥିବା ବେଳେ ବଡ଼ କଷ୍ଟରେ ବାଡ଼ି ଧରି ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ପରିବାରରେ ବହୁତ ଅସୁବିଧାରେ ଚଳୁଥିଲେ ମଧ କେହି ତାଙ୍କ କଥା ବୁଝୁ ନଥିବା କହିଛନ୍ତି ସୁଦାବନ। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।



# କେନ୍ଦୁଝରର ପୋଲିସକୁ ବଡ଼ ସଫଳତା ଅନ୍ତଜିଲ୍ଲା ଡକାୟତ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଗିରଫ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ପୋଲିସକୁ ଏକ ବଡ ଧରଣର ସଫଳତା ମିଳିଛି। ପୋଲିସ ପଞ୍ଝାରେ ଅନ୍ତ ଜିଲ୍ଲା ଡକାୟତ ଦଳର ମାଷ୍ଟର ମାଇଣ୍ଡ ଦାଶରଥି ଧିବର ଓରଫ ଦାସ। ତା'ଠାରୁ ଏକ ଦେଶୀ ପିସ୍ତଲ, ଏକ ବୋଲେରୋ ଗାଡ଼ି, ଏକ ମୋଟର ସାଇକେଲ, ଏକ ଛୁରା ସହ ୧୪ଟି ସୁନା ଲକେଟ୍ ଓ ୫୦୦ ଗ୍ରାମର ରୂପା ଗହଣା ଜବତ କରିଛି ପୋଲିସ। ତା ନାମରେ କେନ୍ଦୁଝର ସମେତ ୪ଟି ଜିଲ୍ଲାରେ ୨୮ଟି କେଶ୍ ରହିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କେନ୍ଦୁଝର ପୋଲିସ ଆରକ୍ଷୀ ଉପଅଧିକ୍ଷକ ପ୍ରକାଶ କରିଛନ୍ତି। ଦାଶରଥି ନାମରେ ପଞ୍ଜିକୃତ କେନ୍ଦୁଝର, ରାଉରକେଲା, ଢେଙ୍କାନାଳ, ସମ୍ବଲପୁର ଆଦି ଜିଲ୍ଲାର ବିଭିନ୍ନ ଥାନାରେ ୨୮ ଗୋଟି ବଡ଼ ଧରଣର ଡକାୟତି କେଶ ରହିଛି ଯାହାର ମାଷ୍ଟର ମାଇଣ୍ଡ ହେଉଛି ଦାସ। ତା ଘର ବମ୍ପୋରୀ ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମରେ। ଗତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ଦାଶରଥି ଧୀବର ନେତୃତ୍ୱରେ ୬ ଜଣ ଡକାୟତ ନୟାକୋଟ ଥାନା ଅଞ୍ଚଳ ଫୁଲଝର ସ୍ଥିତ ସ୍ୱପ୍ନେଶ୍ୱର ଫିଲିଙ୍ଗ ଷ୍ଟେସନରେ ବିଳମ୍ବିତ ରାତିରେ ଗୁଳି ଫୁଟାଇ ସଟର ଭାଙ୍ଗି ୪ଲକ୍ଷ ଟଙ୍କା, ଲାପଟପ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଏହି ମାମଲାର ତଦନ୍ତ ଆଧାରରେ କେନ୍ଦୁଝର ପୋଲିସ ଅଧିକ୍ଷକ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପୂର୍ବରୁ ୧୬/୧୧/୨୦୨୪ରେ ୫ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। କିନ୍ତୁ ଏହି ଡକାୟତି ସମେତ ବିଭିନ୍ନ ଜିଲ୍ଲାରେ ୨୮ଟି ଡକାୟତି ଘଟଣାର ମାଷ୍ଟର ମାଇଣ୍ଡ ଦାଶରଥୀ ଧୀବର ଫେରାର ଥିଲା। କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଶେଷରେ ଡକାୟତ ସର୍ଦ୍ଦାରକୁ ଗିରଫ କରିବାରେ ସଫଳ ହୋଇଛି।

## ବିଜେପିରେ ଯୋଗଦେଲେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ୍ ଅଧକ୍ଷ ବିନ୍ଦୁ ମହାନନ୍ଦ

**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନରେ ଯେତିକି ପାଖେଇ ପାଖେଇ ଆସୁଛି ସେତିକି ରାଜନୀତିରେ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଏହି ସମୟରେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ବିଜେଡି ଛାଡି ନିଜର ଶତାଧିକ ସହକର୍ମୀଙ୍କ ସହ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ବିନ୍ଦୁ ମହାନନ୍ଦଙ୍କ ଯୋଗଦାନ ଜୁନାଗଡ଼ରେ ଭାରତୀୟ ଜନତା ପାର୍ଟି ପାଇଁ ଶୁଭ ସଂକେତ ହୋଇ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

# ମହାବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକୁ ନେଇ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ଅଢ଼େଇ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ସେହି ଟଙ୍କାରେ ମହାବିଦ୍ୟାଳୟରେ କେଉଁ କେଉଁ କାର୍ଯ୍ୟ ହେବ ଆଜିଯାଏଁ ତାହାର ସ୍ପଷ୍ଟ ଚିତ୍ର ଜଣାପଡୁ ନାହିଁ। ଏପରିକି ମହା-ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରାମର୍ଶକୁ ନ ମାନି ବିଏମ୍‌ସି ଯନ୍ତ୍ରୀ ନିଜ ଇଚ୍ଛା ଅନୁସାରେ ପ୍ରକଳ୍ପ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ୫-ଟି ବିଭାଗ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ରୂପାନ୍ତରୀ-କରଣ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିକ୍ରମରେ ବ୍ରହ୍ମପୁର ସ୍ଥିତ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟକୁ ଅଢ଼େଇ କୋଟି ଟଙ୍କା ମିଳିଛି। ଏହି ଅଢ଼େଇ କୋଟିରୁ ଡ଼ିଗ୍ରୀ କଲେଜ ପାଇଁ ଗୋଟିଏ ୨୫ ଲକ୍ଷ ମିଳିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୧ କୋଟି ୨୫ଲକ୍ଷ ମଞ୍ଜୁର ହୋଇଛି। ଏହି ୨ ଶିକ୍ଷାନୁଷ୍ଠାନ ମିଳିତଭାବେ ଗୋଟିଏ କ୍ୟାମ୍ପସ୍‌ରେ ଚାଲିଥିବାରୁ ଅଢ଼େଇ କୋଟିରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଉଛି। ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଏହି ଟଙ୍କାରେ ପ୍ରକଳ୍ପ ନିର୍ମାଣ ହେଉଛି। ବର୍ତ୍ତମାନ ୨ଟି ପାଇଖାନା ବ୍ଲକ୍ ଓ ୪ଟି ସ୍ମାର୍ଟ କ୍ଲାସରୁମ୍ ସହ ୨ଟି ଲାଇବ୍ରେରୀ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ନିର୍ମାଣ ପୂର୍ବରୁ ମହାବିଦ୍ୟାଳୟରେ ଶ୍ରେଣୀ କକ୍ଷ ଅଭାବ ଥିବାରୁ ଏକ କୋଠା ନିର୍ମାଣ କରିବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପରାମର୍ଶ ଦେଇଥିଲେ। କିନ୍ତୁ ବିଏମ୍‌ସିର ଯନ୍ତ୍ରୀ ସେହି ପରାମର୍ଶକୁ ମାନୁ ନଥିବା ଅଭିଯୋଗ ହେଉଛି। ଗଞ୍ଜାମ ଜିଲ୍ଲାରେ ଅନ୍ୟ ମହାବିଦ୍ୟାଳୟ ରୂପାନ୍ତରୀକରଣ ବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ ହୋଇଥିବା ବେଳେ ବ୍ରହ୍ମପୁର ସହରର ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ତେବେ ଅଢ଼େଇ କୋଟି ଟଙ୍କା କେମିତି ଖର୍ଚ୍ଚ କରାଯାଉଛି ସେ ବିଷୟରେ ବିଏମ୍‌ସି ପକ୍ଷରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ଭାବେ କୁହାଯାଉନାହିଁ। ଆଜକୁ ୬ ମାସ ହେବ ଟଙ୍କା ମିଳି ସାରିଥିଲେ ମଧ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବା ଦେଖିବାକୁ ମିଳିଛି। ପାଇଖାନା ବ୍ଲକ୍ ଅଧାଗଢ଼ା ହୋଇଥିବା ବେଳେ ସ୍ମାର୍ଟ କ୍ଲାସ ରୁମ୍ ଓ ଲାବ୍ରୋଟାରୀରେ ଆବଶ୍ୟକୀୟ ସାମଗ୍ରୀ ଓ ସରଞ୍ଜାମ ଲଗାଯାଇନାହିଁ। ସେହିପରି ମହିଳା ଓ ପୁରୁଷଙ୍କ ପାଇଁ ୨ଟି ପାଇଖାନା ବ୍ଲକ୍, ୪ଟି ପୁରୁଣା କ୍ଲାସ ରୁମ୍‌କୁ ସ୍ମାର୍ଟ କ୍ଲାସ ରୁମ୍‌ରେ ପରିବର୍ତ୍ତନ ଓ ୨ଟି ଲାବ୍ରୋଟାରୀରେ ରୂପାନ୍ତରୀ କରଣରେ କଣ ଅଢ଼େଇ କୋଟି ଶେଷ ହୋଇଯିବକି ବୋଲି ମଧ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଏହି ମହାବିଦ୍ୟାଳୟରେ ଅତ୍ୟାଧୁନିକ ସେମିନାର ହଲ କିମ୍ବା ରଙ୍ଗମଞ୍ଚ ନାହିଁ। ଏଠାରେ ୪ହଜାର ଛାତ୍ରଛାତ୍ରୀ ପଢୁଥିବା ବେଳେ ଆବଶ୍ୟକୀୟ ଶ୍ରେଣୀଗୃହ ମଧ ନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠର ସାଧାରଣ ବୈଠକ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠର ଏକ ସାଧାରଣ ବୈଠକ ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ୧୩୨ତମ ଜନ୍ମ ଜୟନ୍ତୀରେ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ପୁଷ୍ପମାଲ୍ୟ ପ୍ରଦାନ ସହ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୪୧ଗୋଟି ପରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ବସିବା ସହ ଉଦଘାଟନ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସ୍ୱାମୀଜୀ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ସହ ସମ୍ପୂର୍ଣ୍ଣ ସହାୟତା ଦେବା ପାଇଁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ଦାସ, ଡଃ ପ୍ରଭାକର ତ୍ରିପାଠୀ, ଦୈନିକ ସମ୍ବାଦପତ୍ର ନବୀନର ସମ୍ପାଦକ ରବି ରଥ, ପ୍ରସାଦ ରାଓ, ନିରଞ୍ଜନ ତ୍ରିପାଠୀ ପ୍ରୁଷ୍ଟି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏଥି ସହିତ ଆଗାମୀ ପରବର୍ତ୍ତୀ ବୈଠକ ୧୫/୦୫/୨୦୨୪ ରିଖ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ରମ୍ଭାରେ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏଥି ସହିତ ଅନେକ ବିଷୟ ଉପରେ ଆଲୋଚନା ପର୍ଯ୍ୟ।ଲୋଚନା କରାଯାଇଥିଲା।ବୈଠକରେ ଅଭିମନ୍ୟୁ ସାହୁ (ଅଧକ୍ଷ ), ଏମ. ନରସିଂହ ସୁବୁଦ୍ଧି କେ. ସୁଶାନ୍ତ କୁମାର ପାତ୍ର (କୋଷାଧକ୍ଷ ), ଚନ୍ଦ୍ରଶେଖର ନାୟକ, ରାମଚନ୍ଦ୍ର ବାଡ଼ତୀୟା, ଗୋପୀନାଥ ବେହେରା (ପ୍ରଧାନ ଶିକ୍ଷକ ), ପ୍ରସନ୍ନ କୁମାର ମିଶ୍ର (ଅବସରପ୍ରାପ୍ତ ଅଧକ୍ଷ), ମହେଶ୍ୱର ବରାଳ (ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ), ଚରଣ ଜେନା, ଜୟକୃଷ୍ଣ ତ୍ରିପାଠୀ,ବିଜୟ ଚନ୍ଦ୍ର ବିଶ୍ୱାଳ,ଭୀମସେନ ବେହେରା (ସମାଜସେବୀ),ଶେଷଦେବ ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଇଞ୍ଜିନିଅର, ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ ଉପସ୍ଥିତ ରହିଥିଲେ। ଶେଷରେ ରାଜ୍ୟପାଳ ପୁରସ୍କାର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ସାମୁହିକ କାର୍ଯ୍ୟକ୍ରମକୁ ଉମେଶ ମହାନ୍ତି, ପଞ୍ଚାନନ ଖଟୁଆ, ଉମାକାନ୍ତ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ପୋକ୍ସୋ ଆଇନ ସମ୍ବନ୍ଧୀୟ ସଚେତନତା କର୍ମଶାଳା

**କେନ୍ଦୁଝର, ନ୍ୟୁଜ୍**

କର୍ମକ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣର ସୁରକ୍ଷା ଆଇନ ୨୦୧୩ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ମିଶନଶକ୍ତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ ପ୍ରାଧିକରଣ ମାଧ୍ୟମରେ ଚାଲୁ ରହିଥିବା ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଗୁଡିକୁ ବ୍ୟାଖ୍ୟା କରିଥିଲେ। କର୍ମ କ୍ଷେତ୍ରରେ ମହିଳାମାନଙ୍କୁ ଯୌନ ଶୋଷଣର ସୁରକ୍ଷା ସମ୍ବନ୍ଧୀୟ ପ୍ରଚଳିତ ଆଇନ ୨୦୧୩ର ଆଇନଗତ ଦିଗଗୁଡିକୁ ତର୍ଜମା କରିଥିଲେ। ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଯେଉଁଠାରେ ୫ ଜଣରୁ ଅଧିକ ମହିଳା କାର୍ଯ୍ୟ କରୁଥିବେ ସେଠାରେ ଓ ଜିଲ୍ଲାସ୍ତରରେ ଜିଲ୍ଲା ଓ ଅନ୍ତଃ ଅଭିଯୋଗ କମିଟିରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ ଓ ତାହା ସଂପୂର୍ଣ୍ଣ ଗୋପନୀୟ ରହିବ ବୋଲି ଜଣାଇ ଥିଲେ। ଏଥିସହିତ ଅଭିଯୋଗ-କାରିଣୀ ପୀଡ଼ିତା କ୍ଷତିପୂରଣ ପାଇବା ପାଇଁ ମଧବଯୋଗ୍ୟ ବିବେଚିତ ହୋଇ ପାରିବେ ବୋଲି ସଚିବ ମାମୀ ବେହେରା ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଆରକ୍ଷୀ ଅଧକ୍ଷକ ଗୁରୁବାରୀ ହେମ୍ବ୍ରମ, ବରିଷ୍ଠ ଅଧିବକ୍ତା ପ୍ରତିଭା ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀତା ନାୟକ ନିଜ ନିଜର ଅଭିବ୍ୟକ୍ତ ରଖିଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସହ ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆପାତକାଳୀନ ଅଧିକାରୀ ଜେ. କଳ୍ପନା, ଜିଲ୍ଲା ସୁରକ୍ଷା ଅଧିକାରୀ ଗାୟତ୍ରୀ ସାହୁ, ସଦର ବ୍ଲକ ଶିଶୁ ବିକାଶ ଅଧୁକାରୀ ସ୍ୱର୍ଣ୍ଣଲତା ବେହେରା, ଘସିପୁରା ବ୍ଲକ ଶିଶୁ ବିକାଶ ଅଧୁକାରୀ ବିନୋଦିନୀ ତ୍ରିପାଠୀ, ଜିଲା ପ୍ରକଳ୍ପ ଅଧିକାରୀ ବାସନ୍ତୀ ହେମ୍ବ୍ରମ, ପରିବାର ପରାମର୍ଶ କେନ୍ଦ୍ରର ଜୟଶ୍ରୀ ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କମିଟିର କର୍ମକର୍ତ୍ତା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବେସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କର ମନରେ ଥିବା ବିଭିନ୍ନ ସନ୍ଦେହାତ୍ମକ ଦିଗ ଗୁଡିକୁ ଦୂରୀଭୂତ କରିଥିଲେ।

# ଧର୍ମଶାଳାରେ ରାଜନୀତିକ ମିଶ୍ରଣ ପର୍ବ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ବିଜୁଜନତାଦଳ ରାଜ୍ୟସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଜାରକା ବିଜେଡ଼ି କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ୧୧ନଂ ଜୋନ୍‌ର ତାଳଜଙ୍ଘ ଗ୍ରାମପଞ୍ଚାୟତ ବିଜେପି କର୍ମୀ ସ୍ମୃତିରଞ୍ଜନ ଧୀର, ଚିତ୍ତରଞ୍ଜନ ମହାନ୍ତି, ରାଜେନ୍ଦ୍ର ସିଂହ, ରଞ୍ଜନ ପରିଛା, ସାଗର ଧୀର, ରାକେଶ ବାରିକ, ହରିହର ମହାନ୍ତିଙ୍କ ସମେତ ବହୁକର୍ମୀ ବିଧିବଦ୍ଧ ଭାବେ ବିଜେଡ଼ି ଦଳରେ ସାମିଲ ହେଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନୂତନ କର୍ମୀଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ବ୍ଲକ୍ ବିଜେଡ଼ି ଛାତ୍ର ସଭାପତି ଜଗଦାନନ୍ଦ



ରାଉତ, ୧୧ନଂ ଜୋନ ସଭାପତି ଜ୍ଞାନ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର କୁମାରୀ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଦିନମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ପୁର ପଞ୍ଚାୟତର ବହୁ ବିଜେଡ଼ି କର୍ମୀଦଳ ଛାଡ଼ି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। କଂଗ୍ରେସ ଧର୍ମଶାଳା ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ୍ କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ପ୍ରଭାତ ରଞ୍ଜନ ରାଉତ, ପିଣ୍ଟୁଜେନା, କରୁଣାକର ଜେନା, ମଣ୍ଟୁ ଜେନା ପ୍ରମୁଖ ଦଳରେ ସାମିଲ ହେଲେ। ଏହି ଉତ୍ସବରେ କୃଷକନେତା ବସନ୍ତ କୁମାର ପରିଡ଼ା, ପୂର୍ବତନ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତ, ନରୋତ୍ତମ ନାୟକ, ନକୁଳ ନାୟକ, କେଦାର ମହାନ୍ତି, ସନ୍ତୋଷ ମଳିକ, ପ୍ରଭାତ କୁମାର ରାଉତ ଉପସ୍ଥିତ ଥିଲେ।

# ନିର୍ବାଚ଼ନ ଖର୍ଚ୍ଚ ପରିଚ଼ାଳନା ସଂପର୍କୀତ ସର୍ବଦଳୀୟ ବୈଠକ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରାର୍ଥୀଙ୍କ ନିର୍ବାଚ଼ନ ଖର୍ଚ୍ଚ ପରିଚ଼ାଳନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭନ ମଦନ ମୋହନ ପାତ୍ର, ଉପ ଜିଲ୍ଲାପାଳ ଜିଲ୍ଲାପାଳ ପ୍ରଭାସ ଚ଼ନ୍ଦ୍ର ଦଣ୍ଡସେନା, ନିର୍ବାଚ଼ନ ଉପ ବିଭାଗର ଡେପୁଟି କଲେକ୍ଟର ଶାଶ୍ୱତ କୁମାର ପ୍ରଧାନ, ଭାରତୀୟ ଜନତା ପାର୍ଟି ସଭାପତି ବିପ୍ର ଚ଼ରଣ ମହାନ୍ତି, କଂଗ୍ରେସ ଉପ ସଭାପତି ସମରେଶ ମିଶ୍ର ଓ ବିଜୁ ଜନତା ଦଳର ପ୍ରତିନିଧି ସୀତାଂଶୁ ଶେଖର ମହାକୁଡ ଯୋଗ ଦେଇ ଥିଲେ। ନିର୍ବାଚ଼ନ ପ୍ରଚ଼ାର ବେଳେ ଦଳ ବା ପ୍ରାର୍ଥୀଙ୍କ ପକ୍ଷରୁ ଭଡାରେ କିମ୍ବା କ୍ରୟ ସୂତ୍ରରେ ବିନିଯୋଗ ସାମଗ୍ରୀ ଗୁଡିକର ଦର ନିର୍ଦ୍ଧାରଣ କରାଯାଇଥିଲା।

# ଆଠଗଡ଼ରେ ବିଜେପି ବିଧାୟକ ପ୍ରାର୍ଥିତ୍ୱକୁ ଦଳୀୟ କର୍ମୀଙ୍କ ବିରୋଧ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନରେ ଆଠଗଡ଼ ବିଜେପିର ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ନିଜ ଦଳ ପକ୍ଷରୁ ବିରୋଧ କରାଯାଇଛି। ଏ ବାବଦରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ବିରୋଧ କରିବା ସହିତ ଏ ବାବଦରେ ଏକ ଦାବିପତ୍ର ରାଜ୍ୟ ଶୀର୍ଷ ନେତୃତ୍ୱଙ୍କୁ ମଧ ଦିଆଯାଇଥିବା ଜଣାପଡିଛି। ଅଭୟଙ୍କ ନାମରେ ୧୩ଟି ବିଭିନ୍ନ ସଙ୍ଗୀନ ମାମଲା ଥିବା ବେଳେ ତାଙ୍କୁ ଦଳୀୟ ପ୍ରାର୍ଥି ଘୋଷଣା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ବିଜେପି ନେତା ଡା ହରିହର ସାହୁ। ଏ ବାବଦରେ ଅବଗତ ନ ଥିବା ରାଜ୍ୟ ଶୀର୍ଷ ନେତୃତ୍ୱଙ୍କୁ ଏକ ଦାବିପତ୍ର ଦିଆ ଯାଇଥିବା ସହିତ ପ୍ରାର୍ଥୀ ବଦଳାଇବା ପାଇଁ ମଧ କୁହାଯାଇଛି। ଅନ୍ୟ ପକ୍ଷରେ ଅଭୟ ସାଧାରଣରେ ଆସି ନିଜ ନିର୍ଦ୍ଦୋଷତାର ପ୍ରମାଣ ଦେବାକୁ ମଧ ଆହ୍ୱାନ ଦିଆଯାଇଛି। ଏଭଳି ଏକ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ନୂତନ କରି ବିଜେପି ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତିଙ୍କୁ ପଚାରିବାରୁ ସେ ଏହାକୁ ଏକ ପ୍ରଯୋଜିତ କାର୍ଯ୍ୟକ୍ରମ ବୋଲି କହିଛନ୍ତି। କାହା ନାମରେ ଅଭିଯୋଗ ଆସିଲେ ସେ ଦୋଷୀ ହୋଇ ଯାଏନି। ରାଜନୈତିକ ଜୀବନରେ ରାଜନୈତିକ ଆକ୍ରୋଶ ରଖି ଏମିତି ଅନେକ ମାମଲା ହୁଏ। ରାଜ୍ୟର ଶୀର୍ଷ ନେତୃତ୍ୱ ବୁଝି ବିଚାରି ନିଷ୍ପତ୍ତି ନେଇଥିବା କୌଣସି ଦଳୀୟ ପଦପଦବୀରେ ନ ଥିବା ତଥାକଥିତ ବିଜେପି ନେତା ନିଜର ଅସ୍ତିତ୍ୱ କଥା ଚିନ୍ତା କରନ୍ତୁ ବୋଲି କହିଛନ୍ତି। ସେହିପରି ମୋ ବାବଦରେ ସମସ୍ତ ତଥ୍ୟ ରାଜ୍ୟର ଶୀର୍ଷ ନେତୃତ୍ୱ ଅବଗତ ଅଛନ୍ତି। ସେମାନେ ମୋ ଉପରେ ଭରସା କରିଛନ୍ତି, ଜନ ସାଧାରଣ ଆଶୀର୍ବାଦ କରିବେ ବୋଲି ମୋର ବିଶ୍ୱାସ ରହିଛି ବୋଲି କହିଛନ୍ତି ଅଭୟ ବାରିକ।

# ବିଜେଡ଼ିରେ ଯୋଗଦେଲେ ବଲାଙ୍ଗୀର କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ନିର୍ବାଚନମଣ୍ଡଳୀର ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ବିଧୁଭୂଷଣ ତ୍ରିପାଠୀଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ସିଂହଦେଓ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ବଲାଙ୍ଗୀର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ସିଂହଦେଓ କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଧୁଭୂଷଣ ତ୍ରିପାଠୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ପ୍ରଫୁଲ୍ଲ କୁମାର ବାଗର, ସୁବ୍ରତ କୁମାର ପଟେଲ, ତୀର୍ଥରାଜ ସେନାପତି, ଗୋପାଳ ଦାନୀ, ଅର୍ଜୁନ ମୁଗ୍ରୀ, ଗ୍ଲାଡ୍‌ଷ୍ଟୋନ ତାଣ୍ଡେ, ସୁରେଶ ମିଶ୍ର, ରାମଧାରୀ ବାରିକ, ଦୟାନିଧି ବିଶି, ଶୁଭକାନ୍ତ ପଟେଲ, ବିଜୟ କୁମାର ସାହୁ, ରାଜକିଶୋର ବାରିକ, ନିଶାରକାନ୍ତ ନାଗ, ରୁଦ୍ର ରଣା, ସମ୍ପତି ବୁଦେକ, ପ୍ରକାଶ ପଣ୍ଡା, ଅନ୍ତର୍ଯ୍ୟାମି ଗଡତିଆଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୦ ଲକ୍ଷ ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହେଲା ଯାଦବ ମହାସଭା ଭବନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ଭବନ ସଂପୂର୍ଣ୍ଣ ହୋଇଯାଇଛି। କେନ୍ଦ୍ରାପଡ଼ା ଟାଉନ ସଂଲଗ୍ନ ଗରାପୁର ଠାରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଭବନର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୩୦ ଲକ୍ଷ ଏବଂ କେନ୍ଦ୍ରାପଡ଼ା ବିଧାୟକଙ୍କ ପାଣ୍ଠିରୁ ୧୦ ଲକ୍ଷ ମୋଟ୍ ୪୦ ଲକ୍ଷ ଟଙ୍କାରେ ଦୀର୍ଘ ୨.୫ ମାସ ଭିତରେ ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ଉଦ୍ୟମରେ ସଂପୂର୍ଣ୍ଣ ହୋଇଯାଇଛି। ଶୁକ୍ରବାର ଶ୍ରୀ ପଲାଇ ଆନୁଷ୍ଠାନିକ ଭାବେ ଏହି ୨ ମହଲା ଗୃହକୁ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାରେ ପ୍ରାୟ ୪ ଲକ୍ଷ ଯାଦବ ଭୋଟ୍ ଏକ ଗୁରୁତ୍ୱ ପୂର୍ଣ୍ଣ ଭମିକା ଗ୍ରହଣ କରିଛି। ଏହିଭୋଟ ଯାହା ସପକ୍ଷରେ ମତଦାନ ହେବ ତା ମୁଣ୍ଡରେ ସୁନା କଳସ ଢଳା ହେବ।

# ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ସନାତନଙ୍କୁ ସ୍ୱାଗତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ବହୁଚର୍ଚ୍ଚିତ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ତରଫରୁ ପୂର୍ବତନ ବିଧାୟକ ତଥା ସମାଜସେବୀ ସନାତନ ମହାକୁଡଙ୍କୁ ବିଧାୟକ ଭାବେ ଟିକଟ ମିଳିଛି। ଚମ୍ପୁଆ ଅସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସନାତନ ମହାକୁଡ ବିଜେଡ଼ି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବେଳେ କଂଗ୍ରେସ କେନ୍ଦୁଝରର ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତେବେ ବିଜେପି ଏ ପ୍ରାର୍ଥୀ ଘୋଷଣା କରିନାହିଁ। ବୁଧବାର ଅପରାହ୍ନରେ ସନାତନ ମହାକୁଡ଼ ଆସି କେନ୍ଦୁଝରରେ ପହଞ୍ଚିବା ପରେ ଚମ୍ପୁଆ ବିଜେଡି ତରଫରୁ ବହୁ କର୍ମୀ ଓ ସନାତନ ସମର୍ଥକଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସନାତନ ମହାକୁଡ଼ ଭୁବନେଶ୍ୱରରୁ ଆସି ରିମୁଳି



ବାଇପାସରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ବିଜେଡି ସମର୍ଥକ ଓ ଏସଏଚଜି ଗ୍ରୁପର ଶହ ଶହ ମାଆ ମାନେ ତାଙ୍କୁ ଫୁଲମାଳ ଦେଇ, ଚନ୍ଦନ ତିଳକ ଲଗାଇ, ବନ୍ଦାପନା କରି ପାଛୋଟି ନେଇଥିଲେ। ରିମୂଳି ବଜାର ଠାରୁ ବିଜେଡି କର୍ମୀମାନେ ଏକ ବିଶାଳ ବାଇକ୍ ରାଲିରେ ଚମ୍ପୁଆ ପର୍ଯ୍ୟନ୍ତ ନିଆ ଯାଇଥିଲା। ସେଠାରେ ଚମ୍ପୁଆର ବିଜେଡି କର୍ମୀ ଓ ସନା ସମର୍ଥକ ମାନେ ଚମ୍ପୁଆ ସ୍ଥିତ ବିଜେଡି ପାର୍ଟି କାର୍ଯ୍ୟାଳୟକୁ ପାଛୋଟି ଆଣିଥିଲେ। ରିମୁଳି ଠାରୁ ଚମ୍ପୁଆ ପର୍ଯ୍ୟନ୍ତ ବାଇକ ରାଲିରେ ଆସିବା ରାସ୍ତାରେ କାଳିକା ପ୍ରସାଦ, ରଜିଆ, ନୂଆଗାଁ, ରାମଲା ଆଦି ସ୍ଥାନରେ ମହିଳାମାନେ ତାଙ୍କୁ ବନ୍ଦାପନା ସହ ଭବ୍ୟ ସ୍ୱାଗତ କରିଥିଲେ। ସନାତନ ମହାକୁଡ଼ଙ୍କ ରାଲି ଚମ୍ପୁଆ ପହଞ୍ଚିବା ପରେ ଚମ୍ପୁଆ ବସଷ୍ଟାଣ୍ଡ ନିକଟରୁ ତାଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ବାଜା ବଜାଇ ଓ ବାଣ ଫୁଟାଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓ ଯୋଡା ବ୍ଲକ୍‌ର ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

## କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର କଂଗ୍ରେସ ପ୍ରଚାର କମିଟି ସଂଯୋଜକ ମନୋନୀତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର କଂଗ୍ରେସ ପଚାର କମିଟିର ସଂଯୋଜକ ରୂପେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜଣେ ବିଶିଷ୍ଟ ଯୁବନେତା ତଥା ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ସେକ ଜାହିର ମହମ୍ମଦଙ୍କୁ ସଂଯୋଜକ ରୂପେ ମନୋନୀତ କରାଯାଇଛି। ଏସମ୍ପର୍କରେ କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ, ସେକ ଜାହିର ମହମ୍ମଦଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେକ ଜାହିର ମହମ୍ମଦ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର କଂଗ୍ରେସ ଦଳୀୟ ପ୍ରଚାର କମିଟିର ସଂଯୋଜନା ଦାୟିତ୍ୱ ନିର୍ବାହ କରିବେ ବୋଲି ଜଣାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ସେକ ଜାହିର ମହମ୍ମଦ ଜଣେ ଦକ୍ଷ ଯୁବ ସଙ୍ଗଠକ ରୂପେ ପରିଚିତ। ତାଙ୍କ ଉଦ୍ୟମ ବଳରେ କଂଗ୍ରେସ ଦଳ ବେଶ ସକ୍ରିୟ ହୋଇପାରିବ ବୋଲି ଆଶା କରାଯାଉଛି।

30 YEARS
ସମ୍ବାଦ କଳିକା

# ଓଡ଼ିଶାରେ ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା

ରାଜ୍ୟର ଗ୍ରାମାଞ୍ଚଳ ଅଧିବାସୀଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୯୫୦ ଟଙ୍କା। ଅର୍ଥାତ୍ ସେମାନେ ଦିନକୁ ୯୮ ଟଙ୍କା ୩୩ ପଇସାରେ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ସହରାଞ୍ଚଳ ଅଧିବାସୀଙ୍କ ମାସିକ ହାରାହାରି ଖର୍ଚ୍ଚ ୫୧୮୭ ଟଙ୍କା ରହିଛି। ସେମାନେ ଦୈନିକ ୧୭୨ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଖର୍ଚ୍ଚରେ ଓଡ଼ିଶା ବହୁ ରାଜ୍ୟ ଏବଂ ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ମାସିକ ହାରାହାରି ଖର୍ଚ୍ଚ ୩୭୭୩ ଟଙ୍କା ଥିବା ବେଳେ ସହରାଞ୍ଚଳରେ ତାହା ୬୪୫୯ ଟଙ୍କା ରହିଛି। ଏହା ପୂର୍ବରୁ ଆସିଥିବା ସର୍ବେକ୍ଷଣ ରିପୋର୍ଟ ୨୦୧୧-୧୨ରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ହାରାହାରି ମୁଣ୍ଡପିଛା ଖର୍ଚ୍ଚ ୧୦୦୩ ଟଙ୍କା ଏବଂ ସହରାଞ୍ଚଳରେ ୧୯୪୧ ଟଙ୍କା ଥିଲା। ୧୦ ବର୍ଷ ଭିତରେ ଗ୍ରାମାଞ୍ଚଳରେ ଲୋକମାନଙ୍କ ହାରାହାରି ବ୍ୟୟରେ ୧୯୪୭ ଟଙ୍କାର ବୃଦ୍ଧି ଘଟିଥିବା ବେଳେ ସହରାଞ୍ଚଳରେ ୩୨୪୬ ଟଙ୍କା ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପାରିବାରିକ ଉପଯୋଗିତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୨-୨୩ ରିପୋର୍ଟ ଅନୁଯାୟୀ କେବଳ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ୩୦୦୦ ଟଙ୍କାରୁ କମ୍ ରହିଛି। ସହରାଞ୍ଚଳ ବ୍ୟୟରେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡରେ ମାସିକ ମୁଣ୍ଡପିଛା ବ୍ୟୟ ୬୦୦୦ ଟଙ୍କାରୁ କମ୍ ରହିଛି। ଏହି ସମସ୍ତ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଜାତୀୟ ହାରଠାରୁ ଖରାପ ରହିଛି। ରିପୋର୍ଟକୁ ନିରେଖି ଦେଖିବା ପରେ ଜଣାପଡ଼ିଛି ଯେ ମଣିପୁରର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ବ୍ୟୟ ସର୍ବାଧିକ ୭୭୩୧ ଟଙ୍କା ରହିଛି। ଏହା ବ୍ୟତୀତ ଆଣ୍ଡାମାନ ଓ ନିକୋବର, ଚଣ୍ଡିଗଡ଼, ସିକିମ୍ ଓ ଗୋଆରେ ତାହା ୭୦୦୦ ଟଙ୍କାରୁ ଅଧିକ ରହିଛି। ସହରାଞ୍ଚଳରେ ମାସିକ ମୁଣ୍ଡପିଛା ହାରାହାରି ବ୍ୟୟ କ୍ଷେତ୍ରରେ ୧୨,୫୭୫ ଟଙ୍କା ସହ ଚଣ୍ଡିଗଡ଼ ଶୀର୍ଷରେ ଥିବା ବେଳେ ସିକିମ୍ରେ ତାହା ୧୨,୧୦୫ ଟଙ୍କା ରହିଛି। ଏହି ସର୍ବେକ୍ଷଣ ଲାଗି ଓଡ଼ିଶାର ଗ୍ରାମାଞ୍ଚଳରୁ ୬୭୩୨ ଓ ସହରାଞ୍ଚଳରୁ ୨୫୪୩ ପରିବାରକୁ ନମୁନା ଭାବେ ଗ୍ରହଣ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ୨୦୧୧-୧୨ର ସର୍ବେକ୍ଷଣ ତୁଳନାରେ ରାଜ୍ୟର ସ୍ଥିତିରେ ଉନ୍ନତି ହୋଇଛି। ପୂର୍ବରୁ ଏହା ସବା ତଳେ ଥିଲା। ଏବେ ତଳ ଆଡୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଯଦି ମୁଦ୍ରାସ୍ଫୀତି ହାର ବିଚାରକୁ ନିଆଯିବ ତେବେ ରାଜ୍ୟର ଗ୍ରାମାଞ୍ଚଳରେ ମୁଣ୍ଡପିଛା ମାସିକ ହାରାହାରି ଖର୍ଚ୍ଚ ୧୦୦୦ ଟଙ୍କା ପାଖାପାଖି ବଢ଼ିଛି ବୋଲି କୁହାଯାଇପାରିବ। ଏହି ରିପୋର୍ଟରୁ ଜଣାପଡୁଛି ଯେ ଲୋକମାନେ ଖାଦ୍ୟ ଉପରେ କମ୍ ଖର୍ଚ୍ଚ କରୁଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା
ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା
ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି
ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି
ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି
ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ
ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ
ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ବ୍ରଜ ପରିକ୍ରମା



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

କଥିତ ଅଛି ମହାପ୍ରଭୁ ଯେତେବେଳେ ଗୋବର୍ଦ୍ଧନ ପର୍ବତକୁ ନିଜ ହାତରେ ଧାରଣ କରିଥିଲେ, ମହାଦେବ ସୁଦର୍ଶନଚକ୍ରକୁ ନିଜେ ଧାରଣ କରି ବର୍ଷା, ବିଜୁଳି ଏବଂ ବଜ୍ରାଘାତରୁ ଗୋପବାସୀମାନଙ୍କୁ ରକ୍ଷା କରିଥିଲେ ଓ ସେଥିପାଇଁ ତାଙ୍କର ନାମ ଚକ୍ରେଶ୍ୱର ମହାଦେବ ହୋଇଛି। ମନ୍ଦିର ପାଖରେ ଅଛି ସନାତନ ଗୋସ୍ୱାମୀଙ୍କ ଭଜନସ୍ଥଳୀ ଓ ଚୈତନ୍ୟଙ୍କ ମନ୍ଦିର। ଏହି ଗୋବର୍ଦ୍ଧନ ସହରଠାରୁ କିଛି ଦୂର କୁସୁମ ସରୋବରର ପଶ୍ଚିମରେ ରହିଛି **ଉଦ୍ଧବ କୁଣ୍ଡ**। ଏଠାରେ ଗୋପୀମାନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରଗାଢ଼ ଅନୁରକ୍ତି ଓ ଭକ୍ତି ଦେଖି ଉଦ୍ଧବ କାମନା କରିଥିଲେ ଯେ ସେହି ବ୍ରଜଗୋପୀମାନଙ୍କର ପଦରେଣୁ ଯେପରି ସର୍ବଦା ତାଙ୍କ ଉପରେ ପଡ଼ିଥାଉ। ପରମ ଭକ୍ତ ଉଦ୍ଧବ ଏଠାରେ ପୁର ମହିଷୀମାନଙ୍କ ସମ୍ମୁଖରେ ବ୍ରଜମଣ୍ଡଳର ମହିମା ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉଦ୍ଧବ ନିଜକୁ ବୃନ୍ଦାବନର ଗୁଳ୍ମ, ଲତା ଓ ଔଷଧ ଭାବରେ ଜନ୍ମ ନେବାକୁ ଏହିଠାରେ ହିଁ ଇଚ୍ଛା କରିଥିବା ଶ୍ରୀମଦ୍‌ଭାଗବତର ୧୧।୪୭।୬୧ରେ ବର୍ଣ୍ଣନା ରହିଛି। ଭକ୍ତମାନେ ଭାବନ୍ତି ଯେ ଭକ୍ତ ଉଦ୍ଧବ ଏଠାରେ କୌଣସି ବୃକ୍ଷ ବା ଲତା ଆକାରରେ ଏବେ ବି ରହିଛନ୍ତି। ଏଠାରେ ଥିବା ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡରେ ସ୍ନାନ କରିବା ଅତି ପବିତ୍ର ବୋଲି ଭକ୍ତମାନେ ଭାବିଥାନ୍ତି। ଏହି ପରିକ୍ରମା ସମୟରେ ମଥୁରା ଜିଲ୍ଲାରେ ପଡ଼େ ମାନସ ଗଙ୍ଗା। ମାନସ ଗଙ୍ଗାରେ ସ୍ନାନ କରିସାରିଲା ପରେ ରାଜସ୍ଥାନ ଜିଲ୍ଲାର ଭରତପୁରର **ଦିଗ୍ ସହର** ପଡ଼େ। ମାନସଗଙ୍ଗାରୁ ଗଲାବେଳେ ଗିରିଗୋବର୍ଦ୍ଧନର ଦୃଶ୍ୟ ବେଶ୍ ଉପଭୋଗ୍ୟ। ଏହା ଦୂରରୁ ଏକ ପ୍ରାଚୀର ସଦୃଶ ଦଣ୍ଡାୟମାନ ଥିବାର ଦେଖାଯାଏ। ମାନସଗଙ୍ଗା ନିକଟରେ ଅଛି **ଗୁଲାଲ କୁଣ୍ଡ**। ଏଠାରେ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ଅବିର ଖେଳିଥିଲେ। ଦିଗ୍ ସହରର ଶ୍ରୀଗୋପାଳଜୀ ମନ୍ଦିରର ମୁଖ୍ୟ ପୂଜିତ ବିଗ୍ରହ ହେଲେ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତା। ଏଠାର **ଗୋପାଳକୁଣ୍ଡ** ଏବଂ **ରୂପସାଗର** ଏକ ତୀର୍ଥସ୍ଥାନ। ଦିଗ୍ ସହରର କେନ୍ଦ୍ରସ୍ଥଳରେ ଧବଳ ବର୍ଣ୍ଣ ଲକ୍ଷ୍ମଣଙ୍କ ମନ୍ଦିର ଅବସ୍ଥିତ। ଏହାର ନିକଟରେ ଅଛି **ଭରତପୁର ଦୁର୍ଗ** ଓ ତାହାର ଚାରିକଡ଼ରେ ଘେରି ରହିଛି ୧୫ଫୁଟ ଉଚ୍ଚତାର ପାଷାଣ ତିଆରି ପ୍ରାଚୀର। ଏଠାର ସୁଦୃଢ଼ ପଥର ଗମ୍ବୁଜମାନ ଦେଖିଲେ ରାଜସ୍ଥାନର କଳା ନୈପୁଣ୍ୟତାର ଭୂୟସୀ ପ୍ରଶଂସା ନକରି ରହି ହୁଏ ନାହିଁ। ଦୁର୍ଗ ଉପରକୁ ଉଠିବାକୁ ବହୁତ ଗୁଡ଼ିଏ ପଥରର ପାହାଚ ରହିଛି ଓ ସମ୍ମୁଖରେ ରହିଛି ୧୨ଫୁଟ ଲମ୍ବ ଓ ୪ଫୁଟ ଗୋଲେଇର ଏକ ଲୌହ କମାଣ। ଦୁର୍ଗ ଉପରୁ ପର୍ବତଶ୍ରେଣୀମାନଙ୍କର ସୁନ୍ଦର ଦୃଶ୍ୟ ବେଶ୍ ଚମତ୍କାର। ରାଣାପ୍ରତାପ ଓ ଉଦୟସିଂହ ପ୍ରଭୃତି ବୀରମାନଙ୍କ ବୀରତ୍ୱର କାହାଣୀ ଇତିହାସରୁ ଲିଭିଯାଇ ନାହିଁ। ମୋଗଲ ସେନାବାହିନୀ ସହିତ ରାଣାପ୍ରତାପ କିଭଳି ଲୁଚି ଛପି ଯୁଦ୍ଧ କରୁଥିଲେ ସେହି କଥା ମନେ ପଡ଼ିଗଲେ ଦେହରେ ରୋମାଞ୍ଚ ସୃଷ୍ଟି ହୁଏ। ଦୁର୍ଗ ମଧ୍ୟରେ ଆମ କଟକର ବାରବାଟୀ ଦୁର୍ଗ ଭଳି ବହୁ ସରକାରୀ କୋଠାବାଡ଼ି ନିର୍ମାଣ ହୋଇସାରିଛି। ପାଖକୁ ଲାଗି ରହିଥିବା ଗଡ଼ଖାଇ ପ୍ରାୟ ପୋତି ହୋଇ ପଡ଼ିଲାଣି ଓ ସ୍ଥାନେସ୍ଥାନେ ଯେଉଁ ଜଳ ଅଛି ତାହା ମଧ୍ୟ ଅତି ଅପରିଷ୍କାର। ଏହାପରେ ଭରତପୁର ରାଜାଙ୍କ ପ୍ରାସାଦ ଦେଖିବାକୁ ମିଳେ। ଏହାର ଆକାର ପ୍ରାୟ ୧୦୦ ଏକରରୁ କମ୍ ନୁହେଁ। କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସ୍ଥାନଟି ସଂରକ୍ଷିତ। ସୁନ୍ଦର ଅଟ୍ଟାଳିକା ଏବଂ ସୁରମ୍ୟ ଉଦ୍ୟାନର ଛାୟାପ୍ରଦ ବୃକ୍ଷଗୁଡ଼ିକ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଦୁର୍ଗ ମଧ୍ୟରେ ଥିବା କଳାକୃତିର ଭବନ ଓ ପୁଷ୍କରିଣୀ ଦେଖି ସେ ସମୟର ଶିଳ୍ପୀମାନଙ୍କର କଳାଚାତୁରୀ ମନରେ ବିସ୍ମୟ ସୃଷ୍ଟି କରେ। ଦିଗ୍ ସହର ପରେ ବାଟରେ ପଡ଼େ **ଦିଦ୍ରାବଲ୍ଲୀ** ଗ୍ରାମ। ଯେଉଁଠାରେ ଶ୍ରୀନୃସିଂହଦେବ ପୂଜା ପାଉଛନ୍ତି ଓ ତାହାର ପରବର୍ତ୍ତୀ **ପରମୋହରା** ଗ୍ରାମରେ ସୁଦାମାଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ତଳେ ସଖା ସୁଦାମାଙ୍କର କମନୀୟ ବିଗ୍ରହ ପୂଜା ପାଉଛନ୍ତି। ଏହାପରେ ଆସେ ବ୍ରଜମଣ୍ଡଳ ଅନ୍ତର୍ଗତ **ବୁଢ଼ାବଦ୍ରୀ** ଗ୍ରାମ। ଗ୍ରାମ ଭିତରେ ରହିଛି ବଦ୍ରିନାଥଙ୍କ ବିଗ୍ରହ। ଏହି ଗ୍ରାମରେ ତୀର୍ଥ ଯାତ୍ରୀମାନଙ୍କର ଭିଡ଼ ଜମିଥାଏ। ପ୍ରଭୁ ଶ୍ରୀକୃଷ୍ଣଙ୍କର ଏହା ମୁଖ୍ୟ ଲୀଳାସ୍ଥଳୀ ଥିବାର ଲୋକେ କହିଥାନ୍ତି। ସ୍ଥାନୀୟ ଲୋକମାନେ ଏବେ ମଧ୍ୟ ପ୍ରଭୁଙ୍କ ଲୀଳା ସମ୍ପର୍କୀୟ ସଙ୍ଗୀତମାନ ଗାନ କରି ତୀର୍ଥଯାତ୍ରୀମାନଙ୍କର ମନହରଣ କରନ୍ତି। ଏହି ଗ୍ରାମ ପରେ ଆସେ **ଆଲିପୁର** ଗ୍ରାମ। ଗ୍ରାମକୁ ଘେରି ରହିଛି ସୁନ୍ଦର ପାହାଡ଼ ଶ୍ରେଣୀ। ଏହାର ପ୍ରାକୃତିକ ଦୃଶ୍ୟ ବେଶ୍ ମନୋରମ। ପାହାଡ଼ ଗୁଡ଼ିକ ଗୋବର୍ଦ୍ଧନ ପର୍ବତଠାରୁ ଉଚ୍ଚ ହେଲେ ମଧ୍ୟ ବୃକ୍ଷହୀନ। କେବଳ କେତେକ କଣ୍ଟାଗଛ ପାହାଡ଼ ଉପରେ ରହିଥିବାର ଦେଖାଯାଏ। ସମତଳ ଭୂମିରେ ଅଛି ସୁଶୀତଳ ଛାୟାପ୍ରଦ ବୃକ୍ଷସମ୍ଭାର। ଏଠାରେ **ନାରାୟଣ କଦମ୍ବଖଣ୍ଡି** ନାମକ ସ୍ଥାନରେ ବଳରାମ ଗୋପୀମାନଙ୍କ ସହିତ ରାସକ୍ରୀଡ଼ା କରୁଥିବାର ଲୋକେ କହିଥାନ୍ତି। ପ୍ରଭୁ ଶ୍ରୀକୃଷ୍ଣଙ୍କର ଏହା ମଧ୍ୟ ବିଶ୍ରାମସ୍ଥଳୀ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ସ୍ଥାନୀୟ ଲୋକେ ଏହି ଲୀଳା ବିଷୟରେ ଆଲୋଚନା କରି ଭକ୍ତ ପ୍ରାଣରେ ରୋମାଞ୍ଚ ସୃଷ୍ଟି କରିଦିଅନ୍ତି। ଏଠାରେ ଥିବା ପୁଷ୍କରିଣୀର ନାମ ଗୋପାଳକୁଣ୍ଡ। ଏହି ପୁଷ୍କରିଣୀର ଜଳକୁ ଭକ୍ତମାନେ ପବିତ୍ରଭାବେ ଗ୍ରହଣ କରିଥାନ୍ତି। ଏହାପରେ ପଡ଼େ ମନସାଦେବୀ ଓ ଯୋଗମାୟାଙ୍କ ମନ୍ଦିର। ଯୋଗମାୟା ଓ ମନସାଦେବୀଙ୍କ ଦର୍ଶନ ପରେ ଶ୍ରୀବଦ୍ରିନାରାୟଣଙ୍କୁ ଦର୍ଶନ କରିହୁଏ। ଏହି ମନ୍ଦିରରେ ଚତୁର୍ଭୁଜ ନାରାୟଣ ଓ ଉଦ୍ଧବଙ୍କ ବିଗ୍ରହ ସହ ଶିବ ପୂଜା ପାଉଛନ୍ତି। ମନ୍ଦିରର ଚତୁଃପାର୍ଶ୍ୱରେ ବହୁ କଦମ୍ବଗଛ ଲଗାଯାଇଛି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ, ମୟୂର ମୟୂରୀମାନଙ୍କର ନୃତ୍ୟ ଓ ପକ୍ଷୀମାନଙ୍କର କାକଳି ମନରେ ଅଶେଷ ଆନନ୍ଦ ଭରି ଦିଏ। ଚାରିଆଡ଼େ ପାହାଡ଼। ତାହାର ଉପରକୁ ଉଠିଲେ ପଡ଼େ ଲଛମନ ଝୁଲା ଯାହାକି ଅତି ଚିତ୍ତାକର୍ଷକ। ପାହାଡ଼ରୁ ବହୁଥିବା ଜଳାଧାରକୁ ଗଙ୍ଗୋତ୍ରୀ, ଯମୁନୋତ୍ରୀ ଓ ସରସ୍ୱତୀର ଉତ୍ପତ୍ତି ସ୍ଥଳ ବୋଲି ଲୋକେ କହିଥାନ୍ତି। ମାତ୍ର ପ୍ରକୃତ ଗଙ୍ଗା, ଯମୁନା କି ସରସ୍ୱତୀ ନଦୀ ଏଠାରେ ପ୍ରବାହିତ ହେଉନାହିଁ। ଏ ସମ୍ପର୍କରେ ପ୍ରଶ୍ନ ଉଠିପାରେ ଯେ ଏହିଭଳି ନାମକରଣ ଏଠାରେ କାହିଁକି ହୋଇଛି ? ଏଥିପାଇଁ ଗପଟିଏ ଅଛି। ଥରେ ନନ୍ଦ ମହାରାଜା ତୀର୍ଥ ପର୍ଯ୍ୟଟନ କରିବା ପାଇଁ ଅଭିଳାଷ କରିବାରୁ ପ୍ରଭୁ ଭାରତ ବର୍ଷର ସମସ୍ତ ତୀର୍ଥକୁ ଏହି ବ୍ରଜମଣ୍ଡଳରେ ଆଣି ଥୋଇଦେଲେ। ତେଣୁ ସକଳତୀର୍ଥ ବ୍ରଜମଣ୍ଡଳରେ ରହିଛି ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି। ପୁଣି ବିଶ୍ୱାସ ଅଛି ଯେ ଶ୍ରୀକୃଷ୍ଣଙ୍କ ପଦ ରଜରେ ରଞ୍ଜିତ ହୋଇଛି ସମଗ୍ର ବ୍ରଜମଣ୍ଡଳ। ଏଠାରେ ଗପ ଅଛି ଯେ ଥରେ ମାତା ଗଙ୍ଗାଦେବୀ ନନ୍ଦରାଜାଙ୍କ ସମ୍ମୁଖରେ ପହଞ୍ଚି ବ୍ରଜଧୂଳିରେ ଗଡ଼ିବାକୁ ଲାଗିଲେ। ନନ୍ଦ ମହାରାଜ ଗଙ୍ଗାଙ୍କୁ ଏପରି କାହିଁକି କରୁଛ ବୋଲି ପ୍ରଶ୍ନ ପଚାରିବାରୁ ମାତା ଗଙ୍ଗା ଉତ୍ତର ଦେଇଥିଲେ ଯେ ମୋ ଜଳରେ ପ୍ରକ୍ଷାଳନ କରି ଲୋକମାନଙ୍କର ସମସ୍ତ ପାପ ଚାଲିଯାଏ। ମାତ୍ର ସେପରି ପାପକୁ ମୁଁ ବହନ କରି ନିଜକୁ ପାପିନୀ ବୋଲି ଭାବୁଥିବାରୁ ପ୍ରଭୁଙ୍କ ପଦଧୂଳି ରଞ୍ଜିତ ଏହି ବ୍ରଜଭୂମିରେ ଗଡ଼ି ସେହି ପାପସବୁରୁ ମୁକ୍ତ ହୋଇଯାଉଛି। ନନ୍ଦ ମହାରାଜା ଏପରି କଥାରେ ବିସ୍ମିତ ହୋଇଯାଇଥିଲେ। (କ୍ରମଶଃ)

# ଯାଯାବରର ଡାଇରୀ-୫୬

## ମରୁଭୂମିର ସନ୍ଥ ମଧୁଭାଇନା



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୯୭୧୯୮୫୭

କରଲାମୁଣ୍ଡା ବ୍ଲକ ଅଫିସର ଦୁଇଟି ଆବଦ୍ଧ କୋଠରୀ ମଧ୍ୟରେ ଆମେ ଦୁଇଜଣ, ଚୌକିଦାର ଜଗୁ ଆଉ ମୁଁ । କୋଠରୀର ଗୋଟିଏ କୋଣରେ ଲଣ୍ଠନଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ। ଅନ୍ଧକାରର ସୁଯୋଗ ପାଇ ମଶାମାନେ ବିଭିନ୍ନ ରାଗ-ରାଗିଣୀ ତୋଳି ମୋ ଦେହରୁ ରକ୍ତ ଶୋଷଣ କରୁ ଥାଆନ୍ତି । ଅଫିସ୍ ଟେବୁଲ୍ ଉପରେ ଶୋଇ ଛଟପଟ ହେଉ ହେଉ କେତେବେଳେ ନିଦ ଆସିଗଲା ମୁଁ ଜାଣିପାରି ନଥିଲି । ହଠାତ୍ ଏକ ଅସ୍ପଷ୍ଟ ଶବ୍ଦଶୁଣି ମୋର ନିଦ ଭାଙ୍ଗିଗଲା । ସେତେବେଳକୁ ଲଣ୍ଠନଟି ଲିଭିଯାଇଥାଏ । ପୁଣି ସେଇ ଶବ୍ଦ, ଯେମିତି ମୋର ମନେହେଲା ସମ୍ଭବତଃ ଗୋଟିଏ କୁକୁର ଛୁଆ ଘର ଭିତରକୁ ପଶି ଆସିଛି । ସେତେବେଳକୁ ଜଗୁ ନିଘୋଡ଼ ନିଦରେ ଶୋଇଯାଇଥାଏ । ସାହସ ସଂଚୟ କରି ବାହାରିଲି କବାଟ ଖୋଲିବାପାଇଁ । ମୁଁ ଟେବୁଲରୁ ତଳକୁ ଓହ୍ଲାଇବା ବେଳେ, ହଠାତ୍ ମୋର ଗୋଡ଼ କାହାକୁ ମାଡ଼ିଯିବା ଫଳରେ ସେ ଚକ୍ରାର କରି ଉଠିଲା । ଭୟରେ ଦେହ ମୋର ଥରୁଥାଏ । ଚିତ୍କାର ଶୁଣି ଜଗୁ ଉଠି କହିଲା, କାହିଁକି କାନ୍ଦୁଛୁ, ଶୋଇଯାଆ । ଜଗୁକୁ ପଚାରିଲି, ଏ ଛୁଆ କଣ ତୁମର ? ଅନ୍ଧାରରେ କେହି କାହାକୁ ଦେଖିପାରୁ ନଥିଲୁ । ଜଗୁ କହିଲା, ହଁ ବାବୁ, ମୋର ଚାରିଜଣ ଛୁଆ, ରାତିରେ ମୋ ପାଖରେ ରହନ୍ତି। ଛଅମାସ ତଳେ ମାଆ ତାଙ୍କର ଚାଲିଗଲା, କେହି ନାହାଁନ୍ତି ସେମାନଙ୍କୁ ଦେଖିବା ପାଇଁ, ମୁଁ ବେକରେ ବାନ୍ଧି ବୁଲୁଛି । ଇତି ମଧ୍ୟରେ ବାପାର ସାନ୍ତ୍ୱନା ପାଇ ପିଲାମାନେ ଶୋଇଯାଇ ଥାଆନ୍ତି। ରାତି ପାହିବା ସକାଶେ ଅନେକ ଡ଼େରି ଥାଏ । ଅନେକ ଚେଷ୍ଟା ସତ୍ତ୍ୱେ ନିଦ ହେଲାନି, ଭାବୁଥିଲି ଚୌକୀଦାର ଜଗୁର କଥା । ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ସେ ଭାଙ୍ଗି ପଡ଼ିନି । ମନରେ ତାର ଅନେକ ସ୍ୱପ୍ନ । ସେ ଭାବୁଛି ତାର ଭଙ୍ଗା ସଂସାରକୁ ସଜାଡ଼ି, ପୁଣି ସେ ପିଲା ମାନଙ୍କୁ ମଣିଷ କରିବ । ଏପରି ମଣିଷ ମାନଙ୍କୁ ଦେଖିଲେ ସମବେଦନାରେ ମୁଁ ଭାଙ୍ଗିପଡ଼େ । ମନେ ପଡ଼ିଯାଏ ମୋର ଅତୀତ ଜୀବନର କଥା । ଏମିତି କେତେ ଯେ ମଣିଷ ବଂଚିବା ପାଇଁ ଅହରହ ସଂଗ୍ରାମ କରୁଛନ୍ତି, କେବେ ସେମାନଙ୍କ ଭାଗ୍ୟାକାଶରେ ସୂର୍ଯ୍ୟୋଦୟ ହେବ ? ଏପରି ଅନେକ ପ୍ରଶ୍ନବାଚୀ ମଧ୍ୟରେ, କେତେବେଳେ ରାତି ପାହିଲା ମୁଁ ଜାଣି ପାରିଲିନି । କୁକୁଡ଼ାର ଡାକଶୁଣି, ଜଗୁଉଠି କହିଲା, ବାବୁ ମୁଁ ଯାଉଛି ଆପଣଙ୍କ ପାଇଁ ପାଣିନେଇ ଆସିବି । ଯଲଦି ଆପଣ ପ୍ରାତଃକର୍ମ ସାରିଦେଲେ, ପିଲାମାନଙ୍କୁ ନେଇ ତାଙ୍କ ମାଉସୀଘରେ ଛାଡ଼ିଦେଇ ଆସିବି । ପିଲାମାନେ ଶୋଇଥାଆନ୍ତି, ବାଲଟୀ, ବାହୁଙ୍ଗାଧରି ଜଗୁ ପାଣି ଆଣିବାପାଇଁ ବାହାରିଲା ।


କରଲାମୁଣ୍ଡାରେ ପ୍ରଥମ ସକାଳ । ବାହାରକୁ ଆସି ଚତୁର୍ଦ୍ଦିଗକୁ ନିରୀକ୍ଷଣ କଲି । ଜନମାନବ ଶୂନ୍ୟ ଏକ ବିଶାଳ ପ୍ରାନ୍ତର ଉପରେ ଠିଆ ହୋଇଛି ଗୋଟିଏ ଛୋଟ ବ୍ଲକ ଅଫିସ୍ ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ପାଇଁ ମାତ୍ର ପାଞ୍ଚଟି ସରକାରୀ ବାସଗୃହ । ନିକଟରେ କୌଣସି ଜନବସତି ଦୂରର କଥା, ବ୍ଲକ ଅଫିସ୍ ସାମନାରେ ଥିବା ଗୋଟିଏ ମହୁଲ ଗଛକୁ ବାଦଦେଲେ, ଅନ୍ୟ କୌଣସି ଗଛ ବି ଦୃଷ୍ଟିଗୋଚର ହେଉ ନଥିଲା । ଇତି ମଧ୍ୟରେ ଜଗୁ ବ୍ଲକ କଲୋନୀରୁ ଦୁଇ ବାଲଟି ପାଣିଆଣି ପହଞ୍ଚି ଯାଇଥାଏ। ଜଗୁକୁ କହିଲି ମୋ ପାଇଁ ପାଣି ବୋହିବା ଆବଶ୍ୟକ ନାହିଁ, ବରଂ ମୁଁ କୂଅ ନିକଟକୁ ଯାଇ ଗାଧୋଇ କରି ଚାଲି ଆସିବି । ଜଗୁ କହିଲା, ନାଇଁବାବୁ, ଆଖପାଖ ଅଞ୍ଚଳର ବହୁତ ଲୋକ ପାଣି ନବାପାଇଁ ଏଠାକୁ ଆସନ୍ତି । ପାଖରେ ସିନା ତେଲନଦୀ, ହେଲେ ଏଠାରେ ପାଣିମୁନ୍ଦେ ପାଇବା ଭାରି କଷ୍ଟ । ଯାହା ପାଣି ଆପଣଙ୍କର ଆବଶ୍ୟକ, ମୁଁ ଆଣିଦେବି । ଆଉ ଅଳ୍ପ ସମୟପରେ ମିଶ୍ରବାବୁ ଆସିଯିବେ । ଦେବତାତୁଲ୍ୟ ମଣିଷ ମିଶ୍ରବାବୁ, ସେ ଆପଣଙ୍କର ସବୁ ବ୍ୟବସ୍ଥା କରିଦେବେ । ପିଲାମାନେ ଶୋଇଥାଆନ୍ତି, ଜଗୁ ଘର ସଫା କରୁଥାଏ । ମୁଁ ନିତ୍ୟକର୍ମ ସାରି, କିଛି ଚୁଡ଼ା ଚିନି ଖାଇ ପ୍ରସ୍ତୁତ ହେଉଥାଏ, ଜଗୁ ଆସି କହିଲା,ମିଶ୍ର ସାର ଆସିଲେଣି, ଆପଣ କଥାବାର୍ତ୍ତା କରୁଥାଆନ୍ତୁ, ମୁଁ ପିଲାମାନଙ୍କୁ ଛାଡ଼ିଦେଇ ଆସିବି । ଏଇଠି ତ ଦୋକାନ, ବଜାର କିଛିନାହିଁ, ଯାହା ଆପଣଙ୍କର ଦରକାର କହିବେ, ମୁଁ ପରେ ଗାଁକୁ ଯାଇ ନେଇ ଆସିବି । ଜଗୁ ଚାଲିଗଲା। ଯାଇ ଦେଖିଲି ଅଫିସ୍ ବାରଣ୍ଡାରେ ବସି ଥାଆନ୍ତି, ସହକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ ମିଶ୍ରବାବୁ । ସାମନା ଟେବୁଲ୍ ଉପରେ ପଡ଼ିଥାଏ ତାଙ୍କର ଡ଼ାଏରୀ ଓ କଲମ । ସହାସ୍ୟ ବଦନରେ ସେ ମୋତେ ସ୍ୱାଗତ ଜଣେଇଲେ । ଶାନ୍ତ ସୌମ୍ୟ ଚେହେରା, ବଡ଼ ବଡ଼ ଆଖି, ଦୁଇ କାନରେ ମେଞ୍ଚାଏ ଲେଖା ବାଳ, ବିଶେଷ ଉଚ୍ଚତା ନୁହେଁ। ଦେଖିବାପରେ ମୋର ଯେମିତି ମନେହେଲା, ସେ ମୋର ଅତି ପରିଚିତ। ନିର୍ବାକ ହୋଇ ଚାହିଁ ରହିଥାଏ, ସେ ପଚାରିଲେ କଣ ଭାବୁଛନ୍ତି ? ଚିନ୍ତା ଜଗତରୁ ଫେରି କହିଲି, ଆପଣଙ୍କୁ ବୋଧହୁଏ ମୁଁ କେଉଁଠି ଦେଖିଛି ! ହସି ହସି ଖୁବ୍ ସରଳଭାବେ ମୋତେ ବୁଝାଇଦେଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଦେଖିଥିବେ ନିଶ୍ଚୟ, ଏଇ ଜନ୍ମ, ନହେଲେ ବିଗତ ଜନ୍ମରେ । ଆପଣ ମୋର ନିଜର ନ ହେଇଥିଲେ, ଏମିତି କଣ ମୋ ପାଖରେ ଆସି ପହଞ୍ଚି ପାରି ଥାଆନ୍ତେ ? ଛାଡ଼ନ୍ତୁ, ବହୁତ ସମୟ ଅଛି, ସେ ସବୁ କଥା ପରେ ଆଲୋଚନା କରିବା । ପ୍ରଥମେ କୁହନ୍ତୁ କରଲାମୁଣ୍ଡା ଆପଣଙ୍କୁ କିପରି ଲାଗୁଛି ? ମାତ୍ର ଗୋଟିଏ ରାତିର ଅନୁଭୂତି । କେବଳ ଜଗୁ ଆଉ ମିଶ୍ରବାବୁଙ୍କୁ ବାଦଦେଲେ, କରଲାମୁଣ୍ଡାର ଭୁଗୋଳ ଆଉ ଇତିହାସ ସଂପର୍କରେ ମୁଁ ସଂପୂର୍ଣ୍ଣ ଅଜ୍ଞ । କଣ ବା ଉତ୍ତର ଦେବି ? କହିଲି, ଯାହା ମୋର ମନେହେଉଛି ଏଠାରେ ଗୋଟିଏ ମାସ ରହିବା ମୋ ପକ୍ଷରେ ସମ୍ଭବ ନୁହେଁ । ଯେତେ ଯଲଦି ଛୁଟିନେଇ ଘରକୁ ଚାଲିଯିବି । ପୁଣି ହସି ହସି କହିଲେ ମିଶ୍ରବାବୁ, ଆପଣ କଣ ଯାଇପାରିବେ ? ଏ ମାଟିର ଏକ ଅଦ୍ଭୁତ ଆକର୍ଷଣ ଶକ୍ତି ଅଛି । ମୁଁ ବି ଯେଉଁଦିନ କରଲାମୁଣ୍ଡା ମାଟିରେ ପାଦଦେଲି, ଠିକ୍ କରିଥିଲି ଫେରିଯିବା ପାଇଁ । ହେଲେ କୌଣସି ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ବାଧହେଲି, ଏଠାରେ ରହିବା ପାଇଁ । ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ଅଞ୍ଚଳର ଲୋକମାନେ ଦରିଦ୍ର ସତ, ହେଲେ ମନ ସେମାନଙ୍କର ଦରିଦ୍ର ନୁହେଁ । ଥରେ ଆପଣ ସେମାନଙ୍କ ସହିତ ମିଶିଲେ ନିଜକୁ ମଧ୍ୟ ଭୁଲିଯିବେ । ମୁଁ ଆପଣଙ୍କ ବିଷୟରେ ଅନେକ କଥା ଶୁଣିଛି । ମଣିଷ ଚରିତ୍ରକୁ ଚିହ୍ନିବାରେ ଆପଣ ଜଣେ ବିଚକ୍ଷଣ ଯୁବକ । ଫେରେ ଆପଣ ଆସିଛନ୍ତି, ସେଇ ଅଦୃଶ୍ୟ ଶକ୍ତିର (ଉପରକୁ ହାତ ଉଠାଇ) ନିର୍ଦ୍ଦେଶରେ, ଗୋଟିଏ ଅପୂରଣୀୟ କାର୍ଯ୍ୟକୁ ପୂରଣ କରିବାରେ ସହଯୋଗ ଦେବାପାଇଁ – ତେଣୁ ଫେରିଯିବେ କିପରି ? ଡାଇରୀଟି ମୋ ଆଡ଼କୁ ବଢ଼େଇ ଦେଇ କହିଲେ ପଢ଼ିବା ପାଇଁ। ମିଶ୍ରବାବୁଙ୍କ କଥାଶୁଣି, ଦେହ ମୋର ଶୀତେଇ ଉଠିଲା । ସନ୍ଦେହମନ ପ୍ରଶ୍ନକଲା, କଣ ଇଏ ଜଣେ ତାନ୍ତ୍ରିକ ? ମୋ ସଂପର୍କରେ ସେ ଏତେକଥା ଜାଣିଲେ କିପରି ? ଡାଇରୀଟି ପଢ଼ିବା ପରେ ସନ୍ଦେହ ଆହୁରି ଘନିଭୂତ ହେଲା। ସେଦିନ ଲେଖାଯାଇଥିବା ସଂପୂର୍ଣ୍ଣ ପୃଷ୍ଠାଟି ମୋର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଡାଇରୀରୁ ଜାଣିବାକୁ ପାଇଲି, ଅରବିନ୍ଦ ଆଶ୍ରମର ମହାନ ସାଧକ ଶ୍ରୀଯୁକ୍ତ ମଧୁସୂଦନ ମିଶ୍ର ମୋର ସାମନାରେ । ମନମୋର ଉଲ୍ଲସିତ ହୋଇଉଠିଲା। ସତେ ଯେମିତି ମନେହେଲା ତାଙ୍କ ମୁହଁରୁ ଦିବ୍ୟଜ୍ୟୋତି ସ୍ଫୁରଣ ହେଉଛି । ନିର୍ବାକ ନିଛନ୍ଦ ହୋଇ ଚାହିଁ ରହିଥାଏ, ମନରେ ପ୍ରତିଧ୍ୱନିତ୍ୱ ହେଉଥାଏ ଡାଏରୀର କିଛି ଅଂଶ । ଶ୍ରୀ' ମାଙ୍କୁ କୃତଜ୍ଞତା ଜଣାଇଥାଆନ୍ତି ମିଶ୍ରବାବୁ ,ମୋର ଆଗମନ ପାଇଁ ।

ଜଣେ ସାଧାରଣ ମଣିଷ ମୁଁ । ସେତେବେଳକୁ ଶ୍ରୀମାଙ୍କ ଦର୍ଶନ ସଂପର୍କରେ ମୋର ସାଧାରଣ ଜ୍ଞାନ ବି ନଥାଏ । ତଥାପି ଶ୍ରୀମାଙ୍କ ନିର୍ଦ୍ଦେଶରେ ମୁଁ କରଲାମୁଣ୍ଡାରେ ପହଞ୍ଚିଛି କୌଣସି ଏକ ଅସଂପୂର୍ଣ୍ଣ କାର୍ଯ୍ୟର ପୂର୍ଣତା ପାଇଁ। ମୋର ଭାବାବେଗକୁ ଲକ୍ଷ୍ୟକରି, ମିଶ୍ରବାବୁ କହିଲେ, ଏହା ମୋର ଲେଖାନୁହେଁ, ମାଆ ଯାହା କହିଲେ, ତାହା ହିଁ ଏଠାରେ ଲିପିବଦ୍ଧ ହୋଇଛି । ମୁଁ ନିଜେ କିଛି କରେନି, ଯାହାକରେ ମାଆଙ୍କ ନିର୍ଦ୍ଦେଶରେ। ନାଟକ ମାଧ୍ୟମରେ ଲୋକଙ୍କୁ ଶିକ୍ଷାଦେବା ଆପଣଙ୍କ ଜୀବନର ଧର୍ମ । ସେମିତି ଗୋଟିଏ ନାଟକ କରିବା ପାଇଁ ଆପଣ ଏଠାକୁ ଆସିଛନ୍ତି । ନାଟକ ପରିବେଷଣ ପରେ ଆପଣ ଚାଲିଯିବେ । ହଁ, ଏକଥା ବି ସତ, ଆପଣ ଯିବା ପରେ ପରେ, ମୁଁ ବି ସପରିବାରେ ଚାଲିଯାଉଛି ଅରବିନ୍ଦ ଆଶ୍ରମକୁ ସବୁଦିନ ପାଇଁ । ତେଣୁ ଆପଣଙ୍କୁ ମାଆଙ୍କ ନିର୍ଦ୍ଦେଶ ଅବଶ୍ୟ ପାଳନ କରିବାକୁ ପଡ଼ିବ ।

ମିଶ୍ରବାବୁଙ୍କ କଥା ସତହେଲା । ଖାଇବା, ରହିବା, ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ସତ୍ତ୍ୱେ, କିପରି ଗୋଟିଏ ମାସ କଟିଗଲା, ମୁଁ ଜାଣିପାରିଲିନି । ଦିନସାରା ଅଫିସ୍ କାମ, ସନ୍ଧ୍ୟାରେ ନାଟକ ରିହରସଲ୍ । ଶ୍ରୀମାଙ୍କୁ ନେଇ ନାଟକ " ମାତୃପୂଜା" ରଚନା କରିଥାଆନ୍ତି ମିଶ୍ରବାବୁ। ପରିବେଷଣର ସଫଳତା ଦୃଷ୍ଟିରୁ, ସାମାନ୍ୟ ସଂଶୋଧନ କରି ମୋର ନିର୍ଦ୍ଦେଶନାରେ ରିହରସଲ ଚାଲିଥାଏ । ନାଟକରେ ଅଂଶଗ୍ରହଣ କରିଥାଆନ୍ତି ମଧୁଭାଇନା ଓ କିଛି ଅଫିସ୍ କର୍ମଚାରୀ । ମୁଁ ବି ଗୋଟିଏ ଛୋଟ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ। ବି.ଡ଼ି.ଓ ମହାଶୟ ପ୍ରାୟତଃ କରଲାମୁଣ୍ଡାରେ ରହୁ ନଥିଲେ। ସେ ମାସର ଶେଷ ସପ୍ତାହରେ ଆସି କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରି ଚାଲିଯାଆନ୍ତି । ତେଣୁ ଅଫିସର ସମସ୍ତ ଦାୟିତ୍ୱ ଥାଏ ମିଶ୍ର ବାବୁଙ୍କ ଉପରେ । ସେଥିଲେ ଜଣେ କର୍ମଯୋଗୀ । ଘରେ ବାହାରେ ଯେତେବେଳେ ଯେଉଁକାମ ତାଙ୍କ ନିକଟରେ ପହଞ୍ଚୁଥିଲା, ତାକୁ ସୂଚାରୁ ରୂପେ ସେ ପାଳନ କରୁଥିଲେ। ତେଣୁ ସେ ଥିଲେ ସମସ୍ତଙ୍କର ପ୍ରିୟ ।

(କ୍ରମଶଃ)

# ଆଉ ଏକ ବୃନ୍ଦାବନ ଗାର୍ଡେନ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଅନେକେ କର୍ଣ୍ଣାଟକରେ ଥିବା ବୃନ୍ଦାବନ ଗାର୍ଡେନକୁ ଯାଇଥିବେ ଅଥବା ଏହା ସମ୍ବନ୍ଧରେ ଶୁଣିଥିବେ। ଯିଏ ଥରେ ଯାଇଛି ସେ କେବେ ଏହାର ମନୋରମ ପରିବେଶକୁ ଭୁଲିପାରିବ ନାହିଁ। ଏହା ମହୀଶୂର ନଗରୀଠାରୁ ୧୨ କିମି ଦୂରରେ କ୍ରିଷ୍ଣରାଜ ସାଗର ଡେମ ତଳେ ଅବସ୍ଥିତ। ଏହି ଡେମ ଦକ୍ଷିଣର ପ୍ରସିଦ୍ଧ ନଦୀ କାବେରୀ ଉପରେ ନିର୍ମିତ। ଠିକ ଡେମ ତଳେ ୬୦ ଏକର ଜମି ଉପରେ ଏହି ବଗିଚା ନିର୍ମିତ ହୋଇଛି। ରଙ୍ଗ ବେରଙ୍ଗର ପୁଷ୍ପ ସମ୍ଭାର ସହିତ ରଙ୍ଗିନ ଆଲୋକ ପ୍ରତିଫଳିତ ଜଳ ଉତକ୍ଷେପଣ ଅତ୍ୟନ୍ତ ଆକର୍ଷଣୀୟ। ସମଗ୍ର ଭାରତବର୍ଷରେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ପରିଭ୍ରମଣରେ ଆସନ୍ତି। ଭିଡ଼ ଯୋଗୁଁ ବହୁଦୂରରେ ଗାଡ଼ି ରଖି ଆସିବାକୁ ପଡେ। ଏହା ଭିତରେ ଓ ବାହାରେ ଅନେକଗୁଡିଏ ହୋଟେଲ ଗଢ଼ିଉଠିଛି, ଯିବା ଆସିବା ପାଇଁ ହଜାର ହଜାର ଯାନବାହାନ ଚାଲିଛି, ସମସ୍ତ ପ୍ରକାର ଖାଦ୍ୟପେୟର ଦୋକାନ ସହିତ ମନୋହରି ସାମଗ୍ରୀର ଦୋକାନ ଭରପୁର। ଏହି ଗାର୍ଡେନ ଯୋଗୁଁ ଲକ୍ଷାଧିକ ଲୋକ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କର୍ମନିଯୁକ୍ତି ପାଇଛନ୍ତି। ଏହା କର୍ଣ୍ଣାଟକର ପର୍ଯ୍ୟଟନ ମାନଚିତ୍ରକୁ ଋଦ୍ଧିମନ୍ତ କରିଛି। ମୁଁ ଏଠାରେ ଦ୍ୱିତୀୟ ବୃନ୍ଦାବନ ଗାର୍ଡେନ ସମ୍ବନ୍ଧରେ ଆଲୋଚନା କରିବାକୁ ଚାହୁଁଛି। ଏହା ଏବେ ନାହିଁ, କିନ୍ତୁ ହେବାର ଭୌଗଳିକ ପରିବେଶ ରହିଛି। ଏ ଦିଗରେ ଚେଷ୍ଟା କଲେ ଓଡିଶାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଦେଉଳି ନିକଟସ୍ଥ ଜମ୍ବିରା ଡେମରେ ଏହା ହୋଇପାରିବ। ନାମ ପରିବର୍ତ୍ତନ ହୋଇପାରେ, କିନ୍ତୁ ବୃନ୍ଦାବନ ଗାର୍ଡେନ ତୁଲ୍ୟ ଏକ ସୁନ୍ଦର ଓ ମନୋରମ ବଗିଚା ଏଠାରେ ନିର୍ମାଣ କରାଯାଇ ପାରିବ। ପ୍ରକାଶ ଥାଉକି ଏହା ଜମ୍ବିରା ନଦୀ ଉପରେ ନିର୍ମିତ। ଏହା ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପର ଅନ୍ତର୍ଗତ ଅଟେ। ଯେଉଁଥିରେ ସୁବର୍ଣ୍ଣରେଖା ନଦୀରୁ ପାଣି ଆଣି ଜମ୍ବିରା ଜଳ ଭଣ୍ଡାରରେ ପକାଯିବ। ଏହି ଜଳକୁ ମୁଖ୍ୟତଃ ଚାଷ ଉଦ୍ଦେଶ୍ୟରେ ଜଳସେଚନ ପାଇଁ ବ୍ୟବହାର କରାଯିବ। ଏହା ମାଟି ତିଆରି ବନ୍ଧ। ଲମ୍ବ ହେଉଛି ୭.୫ କିମି ଓ ଉଚ୍ଚତା ହେଉଛି ୩୦.୫ ମିଟର। ଏବେ ଉଚ୍ଚତା ବଢାଯାଇଛି। ଏହାର ଏକ ବିଶାଳ ଜଳ ଧାରଣ ଅଞ୍ଚଳ ରହିଛି। ଏହା ଏକ ବୃହତ ଜଳ ଅମଳ ପ୍ରକଳ୍ପ। ଏ ସ୍ଥାନ ବାରିପଦାଠାରୁ ମାତ୍ର ୧୦ କିମି ଦୂର, ପଶ୍ଚିମବଙ୍ଗ ସୀମାକୁ ୬ କିମି ଦୂର ଓ ଝାଡଖଣ୍ଡ ସୀମାକୁ ୨୦ କିମି ଦୂର। ଏହା ଏକପ୍ରକାର ତିନି ରାଜ୍ୟର ମିଳନ ସ୍ଥଳରେ ଅବସ୍ଥିତ। ଏହାର ୩୦ କିମି ପରିଧିରେ ଅନେକ ଜନବସତି ଓ ଛୋଟ ସହରମାନ ରହିଛି। ପଶ୍ଚିମବଙ୍ଗର ଲୋକମାନେ ଭ୍ରମଣ ପ୍ରିୟ। ସଂଖ୍ୟାଧିକଭାବେ ବେଙ୍ଗଲୀ ପର୍ଯ୍ୟଟକ ଏଠାରେ ଭିଡ଼ ଜମାଇବା ସ୍ୱଭାବିକ ହେବ। ମୟୂରଭଞ୍ଜର ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସ୍ଥଳଭାବେ ବିବେଚିତ ହୋଇଆସିଛି। ଯେଉଁମାନେ ଶିମିଳିପାଳ ବୁଲିବାକୁ ଆସିବେ ସେମାନେ ଏଠାକୁ ନିଶ୍ଚୟ ଆସିବାକୁ ମନ କରିବେ। ସମଗ୍ର ଓଡିଶା ପାଇଁ ଏହା ଆକର୍ଷଣର କ୍ଷେତ୍ର ରହିବ। ତଦ୍ରୁପଭାବେ ଝାଡ଼ଖଣ୍ଡର ଲୋକମାନେ ମଧ୍ୟ ବହୁ ସଂଖ୍ୟାରେ ଆକର୍ଷିତ ହେବେ। ଏହା ଏପରି ଏକ ସ୍ଥାନ ଯେଉଁଠାରେ ପର୍ଯ୍ୟଟନ କେନ୍ଦ୍ରର ଦୃଢ ଭିତ୍ତିଭୂମି ତିଆରି କରାଯାଇ ପାରିବ। ଏହି ବନ୍ଧ ତଳେ ବିସ୍ତିର୍ଣ୍ଣ ସମତଳ ଜାଗା ରହିଛି। କିଛି ସରକାରୀ ଜାଗା ଓ କିଛି ବ୍ୟକ୍ତିଗତ ମାଲିକାନାର ଜାଗା ରହିଛି। ମିଳିତ ଉଦ୍ୟମରେ ଏହାର ବିକାଶ ହୋଇପାରିବ। ବୃନ୍ଦାବନ ଗାର୍ଡେନ ତୁଲ୍ୟ ଏଠାରେ ଏକ ସୁନ୍ଦର ଉଦ୍ୟାନ ନିର୍ମାଣ କରାଯାଇ ପାରିବ। ସେଠିକା ପରି ଜଳ ପ୍ରବାହ ସୃଷ୍ଟି କରି ଆଲୋକିତ ୱାଟର ସ୍ୱିଙ୍ଗ୍ ତିଆରି କରାଯାଇ ପାରିବ। ୱାଟରପାର୍କ ସହିତ ଶିଶୁ ଉଦ୍ୟାନ ମଧ୍ୟ ରଖାଯାଇ ପାରିବ। ଡେମ ଉପରକୁ ଯିବା ପାଇଁ ରୋପୱେ ବି ତିଆରି ହୋଇପାରିବ। ଏହା ସହିତ ଏହାକୁ ଏକ ପୂର୍ଣ୍ଣାଙ୍ଗ ଉଦ୍ୟାନର ରୂପ ଦିଆଯାଇ ପାରିବ। ଜଳ ଭଣ୍ଡାର ଭିତରେ ନୌକା ବିହାର ହୋଇପାରିବ। ଯନ୍ତ୍ରଚାଳିତ ବୋଟ ଯୋଗେ ପର୍ଯ୍ୟଟକମାନେ ଉପର ମୁଣ୍ଡରେ ଥିବା ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ମଝିରେ ଥିବା ଟାପୁଗୁଡିକୁ ବିକଶିତ କରି ରେଷ୍ଟୋରାଁ ସହିତ ରେଷ୍ଟସେଡ ବନାଯାଇ ପାରିବ। ପର୍ଯ୍ୟଟନର ପ୍ରସାର ହେଲେ ପର୍ଯ୍ୟାୟକ୍ରମେ ଆପେ ଆପେ ଅନେକ ହୋଟେଲ, ଦୋକାନ, ବଜାର ଖୋଲିଯିବ। ବିଭିନ୍ନ ପ୍ରକାର ବ୍ୟବସାୟ ଆରମ୍ଭ ହୋଇଯିବ। ଜଳ ଭଣ୍ଡାରର ଗୋଟିଏ ପାର୍ଶ୍ୱରେ ପକ୍ଷୀ ବିହାର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇ ପାରିବ। ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ସହାୟକ ହେବ। ଠିକ ଯେଉଁପରି ପାଖରେ ପଶ୍ଚିମବଙ୍ଗରେ ଏକ ଛୋଟ ଡେମକୁ ପକ୍ଷୀ ବିହାରରେ ପରିଣତ କରାଯାଇଛି। ଯାହାକୁ ପାକ୍ଷାଳୟ ନାମରେ ନାମିତ କରାଯାଇଛି। ସେଠାରେ ବୋଟିଂର ମଧ୍ୟ ବ୍ୟବସ୍ଥା ରହିଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସନ୍ତି। ବଣଭୋଜି ବି କରନ୍ତି। ସ୍ଥାନୀୟ ଯୁବକମାନେ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହାରି ମାଧ୍ୟମରେ କର୍ମନିଯୁକ୍ତି ନିଜେ ତିଆରି କରିଛନ୍ତି। ସେପଟେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପଶ୍ଚିମବଙ୍ଗରେ ଦିଘା ଓ ଓଡିଶାରେ ଚାନ୍ଦିପୁର ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଜମ୍ବିରା ଡେମକୁ ପର୍ଯ୍ୟଟନ କେନ୍ଦ୍ରଭାବେ ବିକଶିତ କଲେ, ଏହା ଭିନ୍ନ ପ୍ରକାରାର ସ୍ୱାଦ ଦେବ। ପ୍ରକୃତିକୁ ଭିନ୍ନ ରୂପରେ ଉପଭୋଗ କରିବାର ସୁଯୋଗ ମିଳିବ। ଏଠାରୁ ଶିମିଳିପାଳ ଅଭୟାରଣ୍ୟକୁ ଭ୍ରମଣ ପରିଚାଳନା କରାଯାଇ ପାରିବ। ଜମ୍ବିରା ଡେମରେ ପର୍ଯ୍ୟଟନର ବିକାଶ ଜିଲ୍ଲା ତଥା ରାଜ୍ୟ ଅର୍ଥନୀତିକୁ ଚଳଚଞ୍ଚଳ କରିବ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। କର୍ମନିଯୁକ୍ତିର ଅନେକ ପ୍ରକାର ସମ୍ଭାବନା ତିଆରି କରିବ। ସ୍ଥାନୀୟ ବେକାର ଯୁବକ ଯୁବତୀମାନେ ରୋଜଗାରକ୍ଷମ ହେବେ। ଏହା କର୍ଣ୍ଣାଟକର ବୃନ୍ଦାବନ ଗାର୍ଡେନକୁ ଟକ୍କର ଦେଇପାରିବ। ହୁଏତ ସମୟ ଲାଗିପାରେ। ଏ ଦିଗରେ ସାମୁହିକ ଚିନ୍ତନର ଆବଶ୍ୟକତା ରହିଛି। ବିଶେଷକରି ସ୍ଥାନୀୟ ଲୋକପ୍ରତିନିଧି, ଜିଲ୍ଲା ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ସ୍ତରରେ ଏହା ଉପରେ ଆଲୋଚନା ହେବା ଉଚିତ। ଏଦିଗରେ ଜିଲ୍ଲାର ନାଗରିକ ସଂଘଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ମଇ ୨୦୨୪ ବୁଧବାର



# ଶ୍ରେଷ୍ଠ ପାଞ୍ଚ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ







**ହରିଶଙ୍କର :** ବଲାଙ୍ଗୀରଠାରୁ ୮୦ କି.ମି. ଦୂରରେ ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଅବସ୍ଥିତ ପ୍ରସିଦ୍ଧ ତୀର୍ଥ ତଥା ଶୈବପୀଠ ହରିଶଙ୍କର। ଏଠାକାର ମନ୍ଦିରର ପରିବେଶ ଏବଂ ଆକର୍ଷଣୀୟ ଝରଣା ଓ ସେଲା ପଥର ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ଥିବା ପ୍ରସିଦ୍ଧ ମନ୍ଦିର ହରି ଏବଂ ଶଙ୍କର ବୈଷ୍ଣବ ଏବଂ ଶୈବ ଭକ୍ତଙ୍କର ପ୍ରସିଦ୍ଧ ଉପାସନା ପୀଠ। ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡକୁ ଚାଇନା ପରିବ୍ରାଜକ ହୁଏନ୍ ସାଂ ପ-ଲି-ମ-ଲ ଗିଲି ଭାବେ ବର୍ଣ୍ଣନା କରିଥିବା ଇତିହାସ ପୃଷ୍ଠାରୁ ଜଣାଯାଏ।

**କପିଳାସ :** ଢେଙ୍କାନାଳ ଜିଲା ସଦରମହକୁମାଠାରୁ ୨୫ କି.ମି. ଦୂରରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ କପିଳାସ। ଏଠାରେ ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ପୂଜା ପାଇଥାନ୍ତି। ମା' ପାର୍ବତୀ ଚତୁର୍ଭୁଜା ହୋଇଥିବାରୁ ଦଶହରାରେ ମା'ଙ୍କ ଷୋହଳ ପୂଜା ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଏଠାରେ ନାରାୟଣ, କାଶୀ ବିଶ୍ୱନାଥ ଓ ଭୁବନେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ରହିଛି। ଏହା ଦ୍ୱାଦଶ ଶତାବ୍ଦୀର ମନ୍ଦିର ବୋଲି ଇତିହାସ ପୃଷ୍ଠାରୁ ଜଣାପଡ଼େ। ଏଠାରେ ଜାଗର ଯାତ୍ରା ଓ କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରବଳ ଜନସମାଗମ ହୋଇଥାଏ। କପିଳାସର ପାଦ ଦେଶରେ ଚାରି ଚକିଆ ଓ ଦୁଇ ଚକିଆ ଯାନ ଯିବା ପାଇଁ ୧୨ଟି ଘାଟି ରାସ୍ତା ଏବଂ ପାହାଚରେ ଯାତାୟାତ ପାଇଁ ୧୩୫୨ ପାହାଚ ରହିଛି। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ପାଦଦେଶରେ ଏକ ଚିଡ଼ିଆଖାନା ଅଛି।

**ଧବଳେଶ୍ୱର :** ଧବଳେଶ୍ୱର ପୀଠ କଟକ ଜିଲା ଆଠଗଡ଼ ବ୍ଲକ ମଞ୍ଚେଶ୍ୱର ପଞ୍ଚାୟତରେ ମହାନଦୀ ଗର୍ଭରେ ଅବସ୍ଥିତ। ଜାଗର ପଞ୍ଚକ ଓ ବଡ଼ଓଷା ଏଠାକାର ମୁଖ୍ୟପର୍ବ। ବଡ଼ଓଷାର ଗଜଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ପଞ୍ଚକ ପାଞ୍ଚଦିନ ମହାପ୍ରଭୁ ଧବଳେଶ୍ୱରଙ୍କର ବଡ଼ସିଂହାର ବେଶ ହୋଇଥାଏ। ଏଠାକାର ପ୍ରମୁଖ ଆକର୍ଷଣ ହେଉଛି ମହାନଦୀର ମଞ୍ଚେଶ୍ୱର ଘାଟରୁ ପୀଠର ଉତ୍ତର ପାର୍ଶ୍ୱକୁ ସଂଯୋଗ କରୁଥିବା ୧କି.ମି. ଦୀର୍ଘ ଓ ୧୦ଫୁଟ୍ ଓସାରର ଝୁଲାପୋଲ। ଏହି ଝୁଲାପୋଲରେ ଏକକାଳୀନ ୧୦୦୦ ଲୋକ ଯାଇପାରିବେ। ଦକ୍ଷିଣ ପାର୍ଶ୍ୱରେ ୧.୫କି.ମି.ର ନଦୀ ଗର୍ଭକୁ ନୌକାରେ ପାରିହେବା ମଧ୍ୟ ଲୋକଙ୍କର ଅନ୍ୟତମ ଆକର୍ଷଣ। ଏହି ପୀଠରେ ଧବଳେଶ୍ୱରଙ୍କ ମନ୍ଦିରକୁ ଲାଗି ବୁଢ଼ାଲିଙ୍ଗଙ୍କ ମନ୍ଦିର ରହିଛି। ଏଠାରେ ଦେବୋତ୍ତର ଓ ପର୍ଯ୍ୟଟନ ବିଭାଗର ପାନ୍ଥଶାଳା ରହିଛି।

**ଲୋକନାଥ :** ଶ୍ରୀମନ୍ଦିର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚ ପାଣ୍ଡବଙ୍କ ମଧ୍ୟରେ ଭୀମ ରୂପରେ କଳ୍ପିତ। ପ୍ରାୟ ୧୦ଏକର ପରିମିତ ଅଞ୍ଚଳରେ ଏହି ମନ୍ଦିର ଅବସ୍ଥିତ। ବେଢା ସମ୍ମୁଖରେ ପାର୍ବତୀ ସାଗର ନାମକ ଏକ ଜଳାଶୟ ରହିଛି। ମନ୍ଦିର ପଉନଠାରୁ ପ୍ରାୟ ୧୦ଫୁଟ୍ ନିମ୍ନରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ ଜଳମଗ୍ନ ରହିଥାନ୍ତି। ଫାଲ୍‌ଗୁନ କୃଷ୍ଣ ଏକାଦଶୀରେ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ବୈଶାଖ ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶା ଗ୍ରାମାଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ନୂଆ ଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ପୀଠରେ ପ୍ରସିଦ୍ଧ ଜାଗର ମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡ଼ିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।

**ଲିଙ୍ଗରାଜ ମନ୍ଦିର :** ମନ୍ଦିରମାଳିନୀ ଭୁବନେଶ୍ୱରର ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଓଡ଼ିଶା କୀର୍ତ୍ତିରାଜିର ଅନ୍ୟତମ ଶ୍ରେଷ୍ଠ ରତ୍ନ। ଏହି ମନ୍ଦିର ୧୦୩୦ରେ ରାଜା ଯଯାତି କେଶରୀ ଆରମ୍ଭ କରିଥିବା ବେଳେ ୧୦୬୫ରେ ରାଜା ଲଲାଟେନ୍ଦୁ କେଶରୀ ଶେଷ କରିଥିଲେ। ମନ୍ଦିର ଉଚ୍ଚତା ୧୮୦ଫୁଟ। ଏଠାରେ ମୁଖ୍ୟ ମନ୍ଦିରକୁ ଛାଡ଼ିଦେଲେ ନାଟମଣ୍ଡପ, ଜଗମୋହନ, ଭୋଗମଣ୍ଡପ ରହିଛି। ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ସ୍ୱୟଂମ୍ଭୁ ଲିଙ୍ଗ ଅଛନ୍ତି, ଯାହାକି ହରିହରଙ୍କ ସମ୍ମିଶ୍ରଣ ଅଟନ୍ତି। ତେଣୁ ପ୍ରଭୁ ଲିଙ୍ଗରାଜଙ୍କୁ ଉଭୟ ଶିବ ଓ ବିଷ୍ଣୁ ଭାବେ ପୂଜା କରାଯାଏ। ଭାରତର ଶ୍ରେଷ୍ଠ ୧୨ଟି ପବିତ୍ର ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ ଏହି ମନ୍ଦିରରେ ଶିବରାତ୍ରି ଉତ୍ସବରେ ଦୀପ ପରିବର୍ତ୍ତେ ମଶାଲ ଜାଳି ମହାଦୀପ ଉଠାଯାଇଥାଏ।


# ଶ୍ରୀରାମ ରଥ: ଧର୍ମମୟ ରଥ

ଗୋସ୍ୱାମୀ ତୁଳସୀଦାସ କୃତ 'ଶ୍ରୀରାମଚରିତମାନସ' ବା 'ତୁଳସୀ ରାମାୟଣ'ରେ ଅଛି ଏକ ଭାବମୟ ରଥର ବର୍ଣ୍ଣନା। ଏହି ରାମାୟଣର 'ଲଙ୍କାକାଣ୍ଡ' ଅନ୍ତର୍ଗତ 'ରାବଣର ଯୁଦ୍ଧ' ପ୍ରସଙ୍ଗରେ ସେହି ରଥର ହୃଦୟଗ୍ରାହୀ ବର୍ଣ୍ଣନା ରହିଛି। ଲଙ୍କା ରଣଭୂମିର କଥା। ଗୋଟିଏ ପଟେ ରାବଣର ଜୟଧ୍ୱନି ହେଉଥିବାବେଳେ, ଅନ୍ୟପଟେ ରାମଙ୍କର ଜୟଧ୍ୱନି ହେଉଥାଏ। ଉଭୟପକ୍ଷର ଜୟଧ୍ୱନିରେ ରଣଭୂମି କମ୍ପୁଥାଏ। କିନ୍ତୁ ରଣଭୂମିରେ ରାବଣ 'ରଥୀ' ଭାବରେ ରଥରେ ଚଢ଼ି ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା ବେଳେ, ରାମ ଥାଆନ୍ତି 'ବିରଥ' ଅର୍ଥାତ୍ ରଥହୀନ। ତାହା ଦେଖି ବିଭୀଷଣ ଆତଙ୍କିତ ହୋଇ ଉଠିଲେ- ରଥୀ ରାବଣ ସହ ବିରଥ ରାମ ଲଢ଼ିବେ କିପରି 'ତୁଳସୀ ରାମାୟଣ'ର ସୁନ୍ଦର ଓଡ଼ିଆ ଅନୁବାଦ କରି, ସ୍ୱପ୍ନେଶ୍ୱର ଦାଶ କବିଭୂଷଣ ଏହାର ବର୍ଣ୍ଣନା କରିଛନ୍ତି-

**"ନାଥ ! ତବ ନାହିଁ ରଥ ତନୁ-**
**ପଦ-ତ୍ରାଣ।**
**କି ହୋଇ ଜିଣିବ ରଣେ ରିପୁ**
**ବଳବାନ ?"**

କିନ୍ତୁ ତାହାର ଉତ୍ତରରେ ଶାନ୍ତ ଶ୍ରୀରାମ ବିଭୀଷଣଙ୍କୁ ଯାହା କହିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ତାହା ଏକ ଭାବମୟ ରଥର କଥା। ତାହା ଶ୍ରୀରାମଙ୍କର ରଥ-ଭାବନାର ଧର୍ମମୟ ରଥ। ଲଙ୍କା ରଣଭୂମିର କଥା। ଗୋଟିଏ ପଟେ ରାବଣର ଜୟଧ୍ୱନି ହେଉଥିବାବେଳେ, ଅନ୍ୟପଟେ ରାମଙ୍କର ଜୟଧ୍ୱନି ହେଉଥାଏ। ଉଭୟପକ୍ଷର ଜୟଧ୍ୱନିରେ ରଣଭୂମି କମ୍ପୁଥାଏ। କିନ୍ତୁ ରଣଭୂମିରେ ରାବଣ 'ରଥୀ' ଭାବରେ ରଥରେ ଚଢ଼ି ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା ବେଳେ, ରାମ ଥାଆନ୍ତି 'ବିରଥ' ଅର୍ଥାତ୍ ରଥହୀନ। ତାହା ଦେଖି ବିଭୀଷଣ ଆତଙ୍କିତ ହୋଇ ଉଠିଲେ- ରଥୀ ରାବଣ ସହ ବିରଥ ରାମ ଲଢ଼ିବେ କିପରି ? ଶ୍ରୀରାମ କହିଲେ- ହେ ସଖା ବିଭୀଷଣ ! ଶୁଣ। ଯେଉଁଠାରେ ଜୟ ହୁଏ, ସେ ରଥ ଏକ ଭିନ୍ନ ରଥ। ଶୌର୍ଯ୍ୟ ଓ ଧୈର୍ଯ୍ୟ ସେହି ରଥର ଦୁଇ ଚକ। ସତ୍ୟଶୀଳତା ତା'ର ଦୃଢ଼ ଧ୍ୱଜ ପତାକା। ବଳ, ବିବେକ ଓ ଦମ (ସ୍ଥୈର୍ଯ୍ୟ) ଏବଂ ପରହିତ ତାହାର ଅଶ୍ୱ। କ୍ଷମା, କରୁଣା ଓ ସମତା ସେହି ରଥର ରଜ୍ଜୁ ଏବଂ ଭଗବାନଙ୍କ ଭଜନ ସେହି ରଥର ସୁଦକ୍ଷ ସାରଥି। **କେବଳ ଏତିକି ନୁହେଁ;** ଶ୍ରୀରାମଙ୍କ ଅନୁସାରେ, ସେହି ରଥର ଯେ ରଥୀ, ସନ୍ତୋଷ ହେଉଛି ତାଙ୍କର କୃପାଣ (ଖଡ଼୍‌ଗ), ବିରତି ତାଙ୍କର ଢାଲ, ଦାନ ତାଙ୍କର ପରଶୁ ଏବଂ ବୁଦ୍ଧି ପ୍ରଚଣ୍ଡଶକ୍ତି। ପୁଣି ବିଜ୍ଞାନ ତାଙ୍କର କଠିନ କୋଦଣ୍ଡ ଏବଂ ସଂଯମ-ନିୟମ ତାଙ୍କର ବିବିଧ ବାଣ। ନିର୍ମଳ ଓ ସ୍ଥିର ମନ ତାଙ୍କର ତୂଣୀର ଏବଂ ବ୍ରାହ୍ମଣଙ୍କ ଚରଣ ଅର୍ଚ୍ଚନ ତାଙ୍କର ଅଭେଦ୍ୟ କବଚ। ଏ ରଥ ଓ ଏ ରଥୀଙ୍କର ବିଜୟ ଅନିବାର୍ଯ୍ୟ। ଏହା କହି, ପରିଶେଷରେ ଶ୍ରୀରାମ ବିଭୀଷଣଙ୍କୁ କହିଛନ୍ତି- ହେ ସଖା ! ଏ ହେଉଛି ଧର୍ମମୟରଥ ଏବଂ ଏହାଠାରୁ ଉତ୍ତମ ବିଜୟ-ରଥ ଆଉ କିଛି ନାହିଁ।

# ଓଡ଼ିଶାର ଶ୍ରେଷ୍ଠ ପାଞ୍ଚ ସମୁଦ୍ର କୂଳ




**ପୁରୀ :** ଓଡ଼ିଶାର ପୂର୍ବ ଉପକୂଳରେ ଅବସ୍ଥିତ ପୁରୀ ବେଳାଭୂମି। ଜଗନ୍ନାଥ ଧାମ ନିକଟରେ ଥିବା ଏହି ବେଳାଭୂମିର ସୌନ୍ଦର୍ଯ୍ୟ ଅବଲୋକନ କରିବାକୁ ଦୈନିକ ଲକ୍ଷଲକ୍ଷ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଏଠାରେ ସମୁଦ୍ରରେ ଗାଧୋଇବାର ବେଶ ଆନନ୍ଦ ଉଠାଇଥାନ୍ତି ପର୍ଯ୍ୟଟକ।


**ଚନ୍ଦ୍ରଭାଗା :** ପୁରୀ ଜିଲ୍ଲା ଅନ୍ତର୍ଗତ ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟ ମନ୍ଦିର ଠାରୁ ମାତ୍ର ୩କିମି ଦୂରରେ ରହିଛି ଚନ୍ଦ୍ରଭାଗା ବେଳାଭୂମି। ଚନ୍ଦ୍ରଭାଗାର ସୂର୍ଯ୍ୟୋଦୟ ଆକୃଷ୍ଟ କରିଥାଏ ଅସଂଖ୍ୟ ପର୍ଯ୍ୟଟକଙ୍କୁ। ଏହାର ଦିଗନ୍ତ ପ୍ରସାରୀ ନୀଳ ଜଳରାଶିର ନିଳୀମା ଜୈବ ବିବିଧତାରେ ପରିପୂର୍ଣ୍ଣ।

**ଗୋପାଳପୁର :** ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ଠାରୁ ମାତ୍ର ୧୫କିମି ଦୂରରେ ଅବସ୍ଥିତ ଗୋପାଳପୁର ବେଳାଭୂମି। ଏହି ପୂର୍ବତନ ବନ୍ଦର ଏବେ ପାଲଟିଛି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର। ବେଳାଭୂମିର ସୌନ୍ଦର୍ଯ୍ୟ ସାଙ୍ଗକୁ ବତୀଘର ଏବଂ ଜଳକ୍ରୀଡ଼ା ଲକ୍ଷଲକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

**ଚାନ୍ଦିପୁର :** ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଠାରେ ଅବସ୍ଥିତ ଚାନ୍ଦିପୁର ବେଳାଭୂମି ଅନେକ କାରଣରୁ ଆକୃଷ୍ଟ କରିଥାଏ ପର୍ଯ୍ୟଟକଙ୍କୁ। ଝାଉଁବଣ ଘେରା ଜଙ୍ଗଲ ମଧ୍ୟରେ ସମୁଦ୍ରର ଲୁଚକାଳି ଖେଳ ପ୍ରକୃତି ପ୍ରେମୀଙ୍କୁ ବାନ୍ଧିରଖେ। ଦିନବେଳା ସମୁଦ୍ର ପ୍ରାୟ ୨କିମି ଭିତରକୁ ଚାଲିଯାଉଥିବା ବେଳେ ତାରା ମାଛ ଏହି ବେଳାଭୂମିକୁ ସୌନ୍ଦର୍ଯ୍ୟମୟ କରିଥାନ୍ତି।

**ତାଳସାରୀ :** ଉତ୍ତର ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଠାରୁ ୩୬କିମି ଦୂରରେ ଅବସ୍ଥିତ ତାଳସାରୀ ବେଳାଭୂମି। ଉତ୍ତାଳ ତରଙ୍ଗର ତାଳେତାଳେ ନିକଟବର୍ତ୍ତି ମତ୍ସ୍ୟଜୀବୀଙ୍କ ଗାଁ, ସ୍ୱର୍ଣ୍ଣାଭ ବାଲୁକାରାଶି ଓ ନାଲି କଙ୍କଡ଼ାଙ୍କ ଲୁଚକାଳି ଖେଳ ଏହାର ପରିବେଶକୁ ଅତ୍ୟନ୍ତ ମନୋରମ କରିଥାଏ।

# ୨୦୩୦ ସୁଦ୍ଧା ଇ-ବାଣିଜ୍ୟର ତୃତୀୟ ବୃହତ୍ତମ ବଜାର ହେବ ଭାରତ




୨୦୩୦ ସୁଦ୍ଧା ଚୀନ୍ ଏବଂ ଆମେରିକା ପରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଇ-ବାଣିଜ୍ୟ ବଜାରରେ ପରିଣତ ହେବ ଏବଂ ଡିଜିଟାଲ ଅର୍ଥନୀତିର ଆକାର ୮,୦୦୦ କୋଟି ଡଲାରକୁ ବୃଦ୍ଧି ପାଇବ। ଏଥି ସହିତ ଚଳିତ ବର୍ଷ ଭାରତର ଇ-ବାଣିଜ୍ୟ ବଜାର ପ୍ରାୟ ୩,୨୫୦ କୋଟି ଡଲାରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏକ ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତରେ ୫୦ କୋଟିରୁ ଅଧିକ ଲୋକ ଅନଲାଇନରେ ସପିଂ କରିବେ। ବର୍ତ୍ତମାନ ଭାରତର ଇ-ବାଣିଜ୍ୟ ବଜାରର ମୂଲ୍ୟ ପ୍ରାୟ ୧,୧୩୦ କୋଟି ଡଲାର ରହିଛି। ଯାହା ବାର୍ଷିକ ପ୍ରାୟ ୨୧ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ଏହାର ଅଭିବୃଦ୍ଧି ପାଇଁ ସବୁଠାରୁ ବଡ କାରଣ ହେଉଛି ଜିବି ପ୍ରତି ୧୩.୫୦ଟଙ୍କା ହାରରେ ସୁଲଭ ଇଣ୍ଟରନେଟ୍। ୨୦୧୯ ତୁଳନାରେ ୨୦୨୩-୨୪ରେ ମୋବାଇଲ୍ ମାଧ୍ୟମରେ ଇଣ୍ଟରନେଟ୍ ପ୍ରବେଶ ୨୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୫ ସୁଦ୍ଧା, ୮୭ ପ୍ରତିଶତ ପରିବାର ପାଖରେ ଇଣ୍ଟରନେଟ୍ ସଂଯୋଗ ରହିଥିବ। ଅନଲାଇନ୍ ସପିଂ କରୁଥିବା ଇଣ୍ଟରନେଟ୍ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୧୯ ରୁ ୨୦୨୬ ମଧ୍ୟରେ, ଭାରତର ଗ୍ରାମାଞ୍ଚଳରେ ସକ୍ରିୟ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବାର୍ଷିକ ୨୨ ପ୍ରତିଶତ ହାରରେ ବୃଦ୍ଧି ପାଇ ଏହା ୮୮ କୋଟିରୁ ଅଧିକ ହେବ। ଭାରତର ଡିଜିଟାଲ ଅର୍ଥନୀତି ଏବଂ ଇ-ବାଣିଜ୍ୟ ବଜାରରେ ଅଭିବୃଦ୍ଧିର କାରଣ ମଧ୍ୟରେ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି। ୨୦୨୨ ମସିହାରେ, ୧.୫ ଲକ୍ଷ କୋଟି ଡଲାର ମୂଲ୍ୟର କାରବାର ଏହା ମାଧ୍ୟମରେ କରାଯାଇଥିଲା। ୨୦୨୬ ସୁଦ୍ଧା, ଯେତେବେଳେ ଭାରତର ୮୧ ପ୍ରତିଶତ ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ରହିଥିବ। ଏହି ଜନସଂଖ୍ୟା ମଧ୍ୟ ୟୁପିଆଇ ପରି ମାଧ୍ୟମ ବ୍ୟବହାର କରୁଥିବେ।

# ମହିଳାଙ୍କୁ 'ଶାଢ଼ି କର୍କଟ' ବିପଦ



ସ୍କ୍ୱାମ୍‌ସ ସେଲ୍ କାର୍ସିନୋମା (ଏସ୍‌ସିସି) ବା ଶାଢ଼ି କର୍କଟ ହେଉଛି ଏଭଳି ଏକ ଚର୍ମ କର୍କଟ ଯାହା ଶାଢ଼ି ପିନ୍ଧିବା ଦ୍ୱାରା ହୋଇଥାଏ। ଦୀର୍ଘ ସମୟ ଶାଢ଼ି ପିନ୍ଧିବା ହେତୁ କ୍ରମାଗତ ଘର୍ଷଣର ସମ୍ମୁଖୀନ ହେଉଥିବା ଶରୀରର ଅଣ୍ଟା ଆଦି ଅଞ୍ଚଳରେ ଏହା ଦେଖାଯାଇଥାଏ। କେବଳ ଶାଢ଼ି ନୁହେଁ, ଅଣ୍ଟାରେ ଖୁବ୍ ଜୋରରେ କଷି କରି ପିନ୍ଧାଯାଉଥିବା ଧୋତି, ସାୟା ଆଦି ଯୋଗୁଁ ମଧ୍ୟ ଏହି କର୍କଟ ରୋଗ ହେବାର ଆଶଙ୍କା ରହିଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଚର୍ମର ବାହ୍ୟ ଇଲାକାରେ ଥିବା ସମତଳ ସ୍କ୍ୱାମ୍‌ସ କୋଷ ସ୍ତରରେ ଏହା ସୃଷ୍ଟି ହେଉଥିବାରୁ ଏହାର ନାମକରଣ ସେଭଳି ହୋଇଛି। ଏହା ଅନ୍ୟାନ୍ୟ କର୍କଟ ପରି ଘାତକ ନହେଲେ ବି ଚିକିତ୍ସା ବା ପ୍ରତିଷେଧକ ବ୍ୟବସ୍ଥା ନନେଲେ ଏହା ବିପଦ ସୃଷ୍ଟି କରିପାରେ। ଅଣ୍ଟାରେ ଚର୍ମ ଫଳି ଯିବା ସହ ଲାଲ୍ ରଙ୍ଗର ପଟି ସୃଷ୍ଟିହୋଇ ପରେ ଘାଆ ହେବା ଏହାର ଲକ୍ଷଣ ବୋଲି ବିଶେଷଜ୍ଞଙ୍କ ମତ। ପ୍ରତିକାର ସ୍ୱରୂପ ଶାଢ଼ି ବା ସାୟା ଆଦିକୁ ଟିକେ ଢିଲା କରି ପିନ୍ଧିବା ଦରକାର। କମର ଇଲାକାରେ ସ୍ୱଚ୍ଛତା ବଜାୟ ରଖିବା ସହ ଅତିରିକ୍ତ ଆରାମ ଓ ଘର୍ଷଣ ହ୍ରାସ ପାଇଁ କଷିକରି ପିନ୍ଧୁଥିବା ସ୍ଥାନ ତଳେ ଆଉ ଏକ କୋମଳ ପଟି ବାନ୍ଧିଲେ ଭଲ। ସର୍ବଦା ସରୁ ଡୋରି ଅପେକ୍ଷା ବେଲ୍‌ଟ ପରି ପ୍ରଶସ୍ତ ପଟି ବ୍ୟବହାର କରିବା ଉଚିତ। ସୂର୍ଯ୍ୟକିରଣ ସଂସ୍ପର୍ଶରେ ବିଶେଷ କରି ସକାଳ ୧୦ଟାରୁ ଅପରାହ୍ଣ ୪ଟା ଭିତରେ କମ୍ ଆସିବାକୁ ଚେଷ୍ଟା କରନ୍ତୁ। ବାହାରକୁ ଗଲା ବେଳେ ସାବଧାନତାର ସହପୋଷାକ ପିନ୍ଧିବା ସହ ଯଥା ସମ୍ଭବ ଛାଇର ଆଶ୍ରୟ ନିଅନ୍ତୁ। ତ୍ୱଚାକୁ ତୋଫା କରିବା ଲାଗି ବ୍ୟବହୃତ 'ଟାନିଂ ବେଡ୍'ଠାରୁ ଦୂରେଇ ରହିବା ଦରକାର, କାରଣ ସେଥିରୁ କ୍ଷତିକାରକ ଅତିବାଇଗଣୀ ରଶ୍ମି ବିକରିତ ହୋଇଥାଏ। ଧୂମପାନ ମଧ୍ୟ ଏସ୍‌ସିସି ଆଶଙ୍କା ବଢ଼ାଇଥାଏ, ତେଣୁ ତାହା ବର୍ଜନ କରିବା ଉଚିତ। ସର୍ବୋପରି ଚର୍ମରେ କୌଣସି ପ୍ରକାର ସନ୍ଦେହଜନକ ପରିବର୍ତ୍ତନ ଦେଖାଗଲେ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ ଜରୁରି।

## ଧୂମପାନ କରୁନଥିବା ବ୍ୟକ୍ତି ବି ହେଉଛନ୍ତି କ୍ୟାନସରରେ ଆକ୍ରାନ୍ତ

ଏକ ରିସର୍ଚ୍ଚ ଅନୁସାରେ, ଧୂମପାନ କରୁନଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଫୁସଫୁସ ଜନିତ ସମସ୍ୟା ବୃଦ୍ଧି ପାଉଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ପାଖାପାଖି କ୍ୟାନସରରେ ପୀଡିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୧୫-୨୦ ପ୍ରତିଶତ ଲୋକ ଧୂମପାନ କରନ୍ତି ନାହିଁ। ସାଧାରଣତଃ ଫୁସଫୁସ କର୍କଟ ଧୂମପାନ ଜନିତ ରୋଗ ବୋଲି ବିବେଚନା କରାଯାଏ। ହେଲେ ଏକ ଅଧ୍ୟୟନ ଅନୁଯାୟୀ, ଧୂମପାନ କରୁନଥିବା ଲୋକଙ୍କ ମଧ୍ୟରେ ଏହି ରୋଗ ସାଂଘାତିକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଯାହାର କାରଣ ହେଉଛି ରାଡନ ଗ୍ୟାସ। ଏହି ଗ୍ୟାସ୍ ରଙ୍ଗହୀନ ଏବଂ ଗନ୍ଧହୀନ ହୋଇଥିବାବେଳେ ଏହା ଭୂତଳରୁ ମିଳୁଥିବା ପ୍ରାକୃତିକ ବା ରେଡିଓ ଆକ୍ଟିଭ୍ ପଦାର୍ଥକୁ ଭାଙ୍ଗିବା ଦ୍ୱାରା ନିର୍ଗତ ହୁଏ। ଏହି ଗ୍ୟାସ ସହଜରେ ଲୋକଙ୍କ ଫୁସଫୁସରେ ଜମା ହୋଇପାରେ। ଏହାର କୌଣସି ଲକ୍ଷଣ ନଥିବାରୁ ସ୍ୱାସ୍ଥ୍ୟ ପରୀକ୍ଷା ନହେବା ପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଫୁସଫୁସ କର୍କଟ ଜନିତ ରୋଗରେ ପୀଡ଼ିତଙ୍କ ମଧ୍ୟରୁ ପ୍ରାୟ ୧୫-୨୦ ପ୍ରତିଶତ ଲୋକ ଧୂମପାନ କରନ୍ତି ନାହିଁ।

# ପଇଡ଼ ପାଣି ପିଇବା ପରେ ନାଳି ନଡ଼ିଆ ଖାଇଲେ ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ



ଗ୍ରୀଷ୍ମ ଋତୁରେ କିମ୍ବା ପେଟ ଗରମ ହେଲେ ଲୋକେ ସାଧାରଣତଃ ପଇଡ଼ ପାଣି ପିଇଥାଆନ୍ତି। ଏହା ପେଟ ଥଣ୍ଡା କରିବା ସହ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି କୁହାଯାଏ। ତେବେ ଲୋକେ ପଇଡ଼ ପିଇବା ପରେ ଏଥିରେ ଥିବା ନଡ଼ିଆକୁ ଖାଇବାକୁ ବେଶ ଭଲପାଆନ୍ତି। ତେବେ ନଡ଼ିଆ ଖାଇବା ଦ୍ୱାରା ବି ଅନେକ ସ୍ୱାସ୍ଥ୍ୟ ଉପକାର ମିଳିଥାଏ। ନଡ଼ିଆରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ନଡିଆ କେଶ, ଚର୍ମ ଇତ୍ୟାଦି ପାଇଁ ଅତ୍ୟନ୍ତ ଲାଭଦାୟକ। କିନ୍ତୁ ଅଧିକ ପରିମାଣରେ ନଡ଼ିଆ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ୨୦୧୬ରେ 'ଆମେରିକୀୟ ଜର୍ନାଲ୍ ଅଫ୍ କ୍ଲିନିକାଲ୍ ନ୍ୟୁଟିସନ'ରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁମାନେ ଅଧିକ ନଡ଼ିଆ ଖାଉଛନ୍ତି ସେମାନଙ୍କ ଓଜନ ବଢିବାର ସମ୍ଭାବନା ଅଧିକ। ଏହି ଅନୁସନ୍ଧାନରେ ବ୍ରାଜିଲର ରିଓ ଡି ଜେନେରିଓର ଫେଡେରାଲ୍ ୟୁନିଭରସିଟିର ବିଶିଷ୍ଟ ପୁଷ୍ଟିକର ବିଶେଷଜ୍ଞ ଡକ୍ଟର ଓ୍ୱାଣ୍ଡରଲି ଦେ ପୋଆ ଏଥିରେ ଅଂଶଗ୍ରହଣ କରିଥିଲେ। ସେ ଦାବି କରିଛନ୍ତି ଯେ ନଡ଼ିଆର ଅତ୍ୟଧିକ ବ୍ୟବହାର ଫଳରେ ଏହାର ଅଧିକ କ୍ୟାଲୋରୀଯୁକ୍ତ କାରଣରୁ ଓଜନ ବୃଦ୍ଧି ହୋଇପାରେ। ଏଥିସହ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ନଡିଆ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ବଢିଥାଏ। ଫଳସ୍ୱରୂପ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ରହିଥାଏ। ତେଣୁ ସୀମିତ ପରିମାଣର ନଡ଼ିଆ ଖାଇବା ସହ ଯଦି ଆପଣଙ୍କର ପୂର୍ବରୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି ତେବେ ବିଶେଷଜ୍ଞଙ୍କ ପରାମର୍ଶରେ ନଡ଼ିଆ ଖାଇବାକୁ ପରାମର୍ଶ ଦିଆଯାଇଛି। ଜଣେ ବ୍ୟକ୍ତି ପ୍ରତିଦିନ ୪୦ ଗ୍ରାମ ନଡ଼ିଆ ଖାଇପାରିବେ ବୋଲି ପରାମର୍ଶ ଦିଆଯାଇଛି। **ପେଟ ଜନିତ ସମସ୍ୟା ସୃଷ୍ଟି କରିପାରେ :** ଅଧିକ ପରିମାଣରେ ନଡ଼ିଆ ଖାଇବା ଦ୍ୱାରା ପେଟ ସମସ୍ୟା ସୃଷ୍ଟି ହୋଇପାରେ। କାରଣ ଅଧିକ ପରିମାଣରେ ନଡ଼ିଆ ଖାଇବା ଦ୍ୱାରା ଡାଇରିଆ, ଫ୍ଲାଟୁଲେନ୍ସ ଏବଂ ପେଟ ଫୁଲିବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ଏହା ସହିତ, ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ହୋଇଥାଏ। ତେଣୁ ନଡ଼ିଆକୁ ସୀମିତ ପରିମାଣରେ ଖାଇବା ଉଚିତ୍। **କୋଲେଷ୍ଟ୍ରଲର ସମସ୍ୟା ହୋଇପାରେ :** ଅଧିକ ପରିମାଣରେ ନଡ଼ିଆ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସମସ୍ୟା ସୃଷ୍ଟି ହୋଇପାରେ। କାରଣ ନଡ଼ିଆରେ ପ୍ରଚୁର ତେଲ ଥାଏ, ଯାହା କୋଲେଷ୍ଟ୍ରଲ ସମସ୍ୟା ସୃଷ୍ଟି କରିଥାଏ। **ଓଜନ ବୃଦ୍ଧି କରାଏ :** ନଡ଼ିଆ ଖାଇବା ଦ୍ୱାରା ଓଜନ ବଢିପାରେ। କାରଣ ନଡ଼ିଆରେ କମ୍ କ୍ୟାଲୋରୀ ଏବଂ ଅଧିକ ଚିନି ଏବଂ ତେଲ ଥାଏ। ତେଣୁ ସୀମିତ ପରିମାଣର ନଡ଼ିଆ ଖାଇବା ଉଚିତ। **ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ :** ନଡ଼ିଆ ଖାଇବା ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇପାରେ। କାରଣ ନଡ଼ିଆରେ ଚିନିର ମାତ୍ରା ଅଧିକ ଥାଏ। ଯେଉଁଥିପାଇଁ ଶରୀରରେ ସୁଗାର ସ୍ତର ବୃଦ୍ଧି ପାଇପାରେ। ତେଣୁ ମଧୁମେହ ରୋଗୀମାନେ ସୀମିତ ପରିମାଣରେ ନଡ଼ିଆ ଖାଇବା ଉଚିତ।

# ଟି-୨୦ ବିଶ୍ୱକପ୍ ପାଇଁ ଘୋଷଣା ହେଲା ଭାରତୀୟ ଟିମ୍

**ମୁମ୍ବାଇ**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ୍ ମାସରୁ ଆରମ୍ଭ ହେବାକୁ ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ସ୍କ୍ୱାଡ୍ ଘୋଷଣା କରାଯାଇଛି। ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗକର ୧୫ ଜଣିଆ ଟିମ୍‌ରେ ଥିବା ଖେଳାଳିଙ୍କ ନାଁ ସାର୍ବଜନୀନ କରିଛନ୍ତି। ପୂର୍ବ ସୂଚନା ମୁତାବକ ରୋହିତ ଶର୍ମାଙ୍କ ନେତୃତ୍ୱରେ ହିଁ ଟିମ୍ ଇଣ୍ଡିଆ ଖେଳିବ। ଦଳର ବିରାଟ କୋହଲି ଓ ସୂର୍ଯ୍ୟ କୁମାର ଯାଦବ ମଧ୍ୟ ରହିଛନ୍ତି।



୧୫ ଜଣିଆ ସ୍କ୍ୱାଡ୍‌ରେ ଯୁବ ତାରକା ଶୁବମନ ଗିଲ୍ ସ୍ଥାନ ପାଇ ନାହାନ୍ତି। ତାଙ୍କ ବଦଳରେ ଯଶସ୍ୱୀ ଜୈସ୍ୱାଲଙ୍କ ଉପରେ ବିସିସିଆଇ ଅଧିକ ଭରସା ଦେଖାଇଛି। ଖରାପ ଫର୍ମ ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି-୨୦ ସ୍କ୍ୱାଡ୍‌ରେ ରଖାଯାଇଛି। ସେ ଉପ ଅଧିନାୟକ ପଦ ପୂର୍ବ ଭଳି ବଜାୟୀ ରଖିଛନ୍ତି। ପାଣ୍ଡ୍ୟାଙ୍କ ବ୍ୟତୀତ ସ୍କ୍ୱାଡ୍‌ରେ ଅଲରାଉଣ୍ଡର ଭାବେ ଶିବମ୍ ଦୁବେଙ୍କୁ ମଧ୍ୟ ସ୍ଥାନ ମିଳିଛି। ସେ ଆଇପିଏଲରେ ଚେନ୍ନାଇ ଜବରଦସ୍ତ ପ୍ରଦର୍ଶନ କରି ଚାଲିଛନ୍ତି।

ସେହିପରି କାର୍ ଦୁର୍ଘଟଣାରେ ଆହତ ହୋଇ ୧୮ ମାସ ପରେ ଆଇପିଏଲ ଖେଳିବାକୁ ଫିଟ୍ ହୋଇଥିବା ଋଷଭ ପନ୍ତଙ୍କୁ ଭାରତୀୟ ଟିମ୍‌ରେ ସୁଯୋଗ ମିଳିଛି। ଆଇପିଏଲରେ ସେ ଦମ୍‌ଦାର ଫର୍ମରେ ଥିବାରୁ ତାଙ୍କ ଉପରେ ବିସିସିଆଇ ଭରସା ଦେଖାଇଛି। ଦ୍ୱିତୀୟ ୱିକେଟ କପିର ଭାବେ ସଞ୍ଜୁ ସାମସନଙ୍କୁ ଦଳରେ ରଖାଯାଇଛି। ଭଲ ପ୍ରଦର୍ଶନ ସତ୍ତ୍ୱେ କେଏଲ ରାହୁଲଙ୍କୁ ସ୍କ୍ୱାଡ୍‌ରେ ରଖାଯାଇ ନାହିଁ। ସେ ରିଜର୍ଭ ଖେଳାଳି ତାଲିକାରେ ମଧ୍ୟ ନାହାନ୍ତି।

ରିଙ୍କୁ ସିଂହ ଓ ଶୁବମନ ଗିଲ୍ ମୁଖ୍ୟ ସ୍କ୍ୱାଡ୍‌ରେ ନଥିଲେ ମଧ୍ୟ ଦଳ ସହ ୱେଷ୍ଟଇଣ୍ଡିଜ ଗସ୍ତ କରିବେ। ଏମାନଙ୍କୁ ରିଜର୍ଭ ଖେଳାଳି ଭାବେ ରଖାଯାଇଛି। ଖଲୀଲ ଅହମଦ ଓ ଆବେଶ ଖାନ୍ ମଧ୍ୟ ରିଜର୍ଭ ଖେଳାଳି ତାଲିକାରେ ଅଛନ୍ତି।

ସ୍ପିନ ବୋଲିଂ ଆଟାକ୍‌ରେ ଭାରତର ମଙ୍ଗ ସମ୍ଭାଳିବେ ରବୀନ୍ଦ୍ର ଜାଡ଼େଜା, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ ଓ କୁଲଦୀପ ଯାଦବ। ରବି ବିଷ୍ଣୋଇଙ୍କୁ ବିସିସିଆଇ ୧୫ ଜଣିଆ ସ୍କ୍ୱାଡ୍‌ରେ ସ୍ଥାନ ଦେଇ ନାହିଁ। ଦ୍ରୁତ ବୋଲିଂର କମାଣ ଯଶପ୍ରୀତ ବୁମ୍‌ରା ସମ୍ଭାଳିବେ। ତାଙ୍କୁ ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ ସାଥ୍ ଦେବେ।

ଭାରତୀୟ ସ୍କ୍ୱାଡ୍ : ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଯଶସ୍ୱୀ ଜୈସାଲ, ସୂର୍ଯ୍ୟ କୁମାର ଯାଦବ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ଋଷଭ ପନ୍ତ, ସଞ୍ଜୁ ସାମସନ, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜି ଚହଲ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ।

ରିଜର୍ଭ ଖେଳାଳି: ଶୁବମନ ଗିଲ, ରିଙ୍କୁ ସିଂହ, ଖଲୀଲ ଅହମଦ ଓ ଆବେଶ ଖାନ।

୨୦ଟି ଟିମ୍‌କୁ ନେଇ ଖେଳା ଯାଉଥିବା ଟି-୨୦ ବିଶ୍ୱକପର ପ୍ରଥମ ମ୍ୟାଚ୍ ଜୁନ ୧ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଆୟୋଜକ ଆମେରିକା ଓ କାନାଡ଼ା। ୧୮୪୪ରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏହି ଦୁଇ ଦଳ ସାମ୍ନାସାମ୍ନି ହୋଇଥିଲେ। ଏବେ ପୁଣି ଥରେ ଆମେରିକା ଓ କାନାଡ଼ା ଲଢ଼େଇ କରିବେ।

ବିଶ୍ୱକପର ସବୁଠାରୁ ବଡ଼ ମ୍ୟାଚ୍ ଜୁନ୍ ୯ରେ ଖେଳାଯିବ। ନ୍ୟୁୟର୍କରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଟି-୨୦ ବିଶ୍ୱକପର ଗ୍ରୁପ୍ ଏ'ରେ ଭାରତ ରହିଛି। ଭାରତ ସହ ଆମେରିକା, ପାକିସ୍ତାନ, କାନାଡ଼ା ଓ ଆୟର୍ଲ୍ୟାଣ୍ଡ ଏହି ଗ୍ରୁପ୍‌ରେ ରହିଛନ୍ତି। ଭାରତ ତା'ର ବିଶ୍ୱକପ ଅଭିଯାନ ଜୁନ୍ ୫ରେ ଆୟର୍ଲ୍ୟାଣ୍ଡ ବିପକ୍ଷରୁ ଆରମ୍ଭ କରିବ। ଜୁନ୍ ୯ରେ ପାକିସ୍ତାନ, ଜୁନ୍ ୧୨ରେ ଆମେରିକା ଓ ଜୁନ୍ ୧୫ରେ ଦଳ ଶେଷ ଲିଗ୍ ମ୍ୟାଚ୍ କାନାଡ଼ା ବିପକ୍ଷରେ ଖେଳିବ।

ଟି-୨୦ ବିଶ୍ୱକପର ଦୁଇ ସେମିଫାଇନାଲ ଜୁନ୍ ୨୬ ଓ ୨୭ରେ ଖେଳାଯିବ। ଜୁନ୍ ୨୯ରେ କ୍ରିକେଟ ମହାକୁମ୍ଭର ଫାଇନାଲ ବାରବାଡୋସରେ ଅନୁଷ୍ଠିତ ହେବ।

ପ୍ରଥମଥର ପାଇଁ ଟି-୨୦ ବିଶ୍ୱକପରେ ୨୦ଟି ଦଳ ଭାଗ ନେଉଛନ୍ତି। ଏମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିଛନ୍ତି। ଲିଗ ମ୍ୟାଚ୍ ପରେ ପ୍ରତି ଗ୍ରୁପରୁ ୨ଟି ଲେଖାଏଁ ଦଳ ଗ୍ରୁପ୍ ୮ ପର୍ଯ୍ୟାୟକୁ ଯିବେ। ଯୋଗ୍ୟତା ଅର୍ଜନ କରିଥିବା ୮ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପର ଟପ୍ ୨ଟି ଲେଖାଏଁ ଦଳ ସେମି ଫାଇନାଲ ପର୍ଯ୍ୟାୟକୁ ଯିବେ। ଏହାପରେ ୨୯ ତାରିଖରେ ଦୁଇ ଶ୍ରେଷ୍ଠ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।




ପ୍ରଥମ ସେମି ଫାଇନାଲ ଜୁନ ୨୬ରେ ଗୁଏନା ଓ ଦ୍ୱିତୀୟ ସେମି ଫାଇନାଲ ୨୭ ତାରିଖରେ ତ୍ରିନିଦାଦରେ ଅନୁଷ୍ଠିତ ହେବ। ୱେଷ୍ଟଇଣ୍ଡିଜର ୬ଟି ଭେନ୍ୟୁରେ ୪୧ଟି ମ୍ୟାଚ ଓ ଆମେରିକାର ୩ଟି ଭେନ୍ୟୁରେ ୧୬ଟି ମ୍ୟାଚ୍ ଖେଳାଯିବ। ୨୯ ଦିନ ଧରି ଟି-୨୦ ବିଶ୍ୱକପର ୯ମ ସଂସ୍କରଣ ଅନୁଷ୍ଠିତ ହେବ ବୋଲି ଆଇସିସି କହିଛି।

**ଗ୍ରୁପ ଏ-** ଭାରତ, ପାକିସ୍ତାନ, ଆମେରିକା, କାନାଡ଼ା ଓ ଆୟର୍ଲ୍ୟାଣ୍ଡ। **ଗ୍ରୁପ ବି-** ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମ୍ବିଆ, ସ୍କଟଲ୍ୟାଣ୍ଡ ଓ ଓମାନ। **ଗ୍ରୁପ ସି-** ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ଉଗାଣ୍ଡା ଓ ପାପୁଆ ନ୍ୟୁ ଗିନି। **ଗ୍ରୁପ ଡି-** ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ଶ୍ରୀଲଙ୍କା, ନେଦରଲ୍ୟାଣ୍ଡ୍ସ ଓ ନେପାଳ।

## ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେଲେ କେକେଆର୍‌ର ଦ୍ରୁତ ବୋଲର ହର୍ଷିତ ରାଣା

**ନୂଆଦିଲ୍ଲୀ**



ଆଇପିଏଲ ଟିମ୍ କୋଲକାତା ନାଇଟ ରାଇଡର୍ସଙ୍କୁ ବଡ଼ ଝଟ୍‌କା ଲାଗିଛି। ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ଦଣ୍ଡ ପାଇଛନ୍ତି ଦଳର ଦ୍ରୁତ ବୋଲର ହର୍ଷିତ ରାଣା। ଏହାର ଅର୍ଥ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମେ' ୩ ତାରିଖ ମ୍ୟାଚ୍‌ରେ ସେ ଖେଳିପାରିବେ ନାହିଁ। ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ହର୍ଷିତ ରାଣା ଦମ୍‌ଦାର ପ୍ରଦର୍ଶନ କରିବା ସହ ଦୁଇଟି ୱିକେଟ ନେଇଥିଲେ। ସେ ସଫଳତା ପାଇବା ପରେ ଅତ୍ୟନ୍ତ ଉତ୍ସାହିତ ହୋଇ ଉତ୍ତେଜିତ ଢଙ୍ଗରେ ବ୍ୟାଟରଙ୍କୁ ଇଙ୍ଗିତ କରିଥିଲେ। ସେ ଏପରି କରି ଆଇପିଏଲର ଆଚରଣ ବିଧି ଉଲ୍ଲଙ୍ଘନ କରିଥିଲେ। ଏଥିପାଇଁ ୨୨ ବର୍ଷୀୟ ରାଣାଙ୍କ ମ୍ୟାଚ୍ ଫି' ମଧ୍ୟ ୧୦୦% କାଟି ଦିଆଯାଇଛି। ସେ ଧାରା ୨.୫ର ଲେଭଲ ୧ ଅପରାଧ ଘଟାଇଛନ୍ତି। ଏହାକୁ ସେ ସ୍ୱୀକାର ମଧ୍ୟ କରି ନେଇଛନ୍ତି। ମ୍ୟାଚ୍ ରେଫରୀଙ୍କ ସୁପାରିସକ୍ରମେ ତାଙ୍କ ଉପରେ ଏପରି ଦଣ୍ଡବିଧାନ କରାଯାଇଛି।

ଏହାପୂର୍ବରୁ ମଧ୍ୟରେ ରାଣା ମାର୍ଚ୍ଚ ୨୩ ତାରିଖ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଆଇପିଏଲର ଆଚରଣ ବିଧି ଉଲ୍ଲଙ୍ଘନ କରିଥିଲେ। ଏଥିପାଇଁ ତାଙ୍କ ମ୍ୟାଚ୍ ଫି ୬୦% କାଟି ଦିଆଯାଇଥିଲେ। ସେ ଦ୍ୱିତୀୟ ଥର ପାଇଁ ନିୟମ ଉଲ୍ଲଙ୍ଘନ କରିଥିବାରୁ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି ଓ ତାଙ୍କ ମ୍ୟାଚ୍ ଫି'କୁ ସଂପୂର୍ଣ୍ଣ ଭାବେ କାଟି ଦିଆଯାଇଛି।

## ବିଶ୍ୱକପ ଦଳ ଘୋଷଣା କଲା ଡିଫେଣ୍ଡିଂ ଚାମ୍ପିୟନ

# ୧୨ ମାସ ପରେ ଦଳକୁ ଫେରିଲେ ଜୋଫ୍ରା ଆର୍ଚର

**ନୂଆଦିଲ୍ଲୀ**

୨୦୨୨ରେ ଟି-୨୦ ବିଶ୍ୱକପ ଜିତିଥିବା ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଆଗାମୀ ବିଶ୍ୱକପ ପାଇଁ ସ୍କ୍ୱାଡ୍ ଘୋଷଣା କରିଛି। ୨୦୨୨ ଭଳି ୨୦୨୪ରେ ମଧ୍ୟ ଇଂଲଣ୍ଡ ଅଭିଜ୍ଞ ଜୋଶ୍ ବଟଲରଙ୍କ ନେତୃତ୍ୱରେ ଟ୍ରଫି ପାଇଁ ଟକ୍କର କରିବ। ସେହିପରି ଦୀର୍ଘ ୧୨ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ କମ୍‌ବ୍ୟାକ୍ କରିଛନ୍ତି ଦ୍ରୁତ ବୋଲର ଜୋଫ୍ରା ଆର୍ଚର।



ତାଙ୍କୁ ଇଂଲଣ୍ଡ କ୍ରିକେଟ ବୋର୍ଡ ଟି-୨୦ ବିଶ୍ୱକପ ସ୍କ୍ୱାଡ୍‌ରେ ସାମିଲ କରିଛି। ଜୋଫ୍ରା ଶେଷଥର ପାଇଁ ୨୦୨୩ ମାର୍ଚ୍ଚରେ ଇଂଲଣ୍ଡ ପାଇଁ ଖେଳିଥିଲେ। ଏହାପରେ ସେ କହୁଣୀ ସମସ୍ୟା ପାଇଁ ବର୍ଷେ ହେଲା ଦଳ ଓ କ୍ରିକେଟରୁ ଦୂରେଇ ରହିଥିଲେ। ୨୦୨୧ରୁ ହିଁ ଆର୍ଚର ଆହତ ହୋଇ ଚାଲିଛନ୍ତି। ଦୁର୍ଘଟଣା ଠାରୁ ଆରମ୍ଭ କରି କହୁଣୀ ସମସ୍ୟା ଯୋଗୁ ସେ ଦଳରୁ ବାଦ ପଡ଼ିବାକୁ ଲାଗିଥିଲେ। ଏବେ କିନ୍ତୁ ସେ ଠିକ୍ ଟି-୨୦ ବିଶ୍ୱକପ ପୂର୍ବରୁ ଫିଟ୍ ହୋଇଛନ୍ତି। ସେ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ ଥିବାରୁ ତାଙ୍କୁ ଟି-୨୦ ବିଶ୍ୱକପ ସ୍କ୍ୱାଡ୍‌ରେ ସାମିଲ କରାଯାଇଛି।

ସେହିପରି ଇଂଲଣ୍ଡ ଦଳରୁ ନିୟମିତ ବାଦ୍ ପଡ଼ିଥିବା ଅଭିଜ୍ଞ ଅଲରାଉଣ୍ଡର କ୍ରିସ୍ ଜୋର୍ଡାନଙ୍କୁ ମଧ୍ୟ ଟି-୨୦ ବିଶ୍ୱକପ ଟିକେଟ ମିଳିଛି। ସେ ୨୦୨୩ ସେପ୍ଟେମ୍ବର ମାସରୁ ଇଂଲଣ୍ଡ ପାଇଁ ଅନ୍ତର୍ଜାତୀୟ ମ୍ୟାଚ ଖେଳି ନାହାନ୍ତି।

ବଟଲରଙ୍କ ନେତୃତ୍ୱରେ ଘୋଷଣା ହୋଇଥିବା ୧୫ ଜଣିଆ ସ୍କ୍ୱାଡ୍‌ରେ ବ୍ୟାଟର ଭାବେ ୱିଲ ଜ୍ୟାକ୍ସ, ଫିଲ ସଲ୍ଟ ଓ ଜନ୍ନି ବେୟାରଷ୍ଟୋ ରହିଛନ୍ତି। ଏହାମାନେ ଦଳର ଟପ୍ ଅର୍ଡର ସମ୍ଭାଳିବେ। ବେନ ଡକେଟ ସ୍କ୍ୱାଡ୍‌ରେ ରହିଥିବା ବେଳେ ଅଲରାଉଣ୍ଡର ମୋଇନ ଅଲୀ ମଧ୍ୟ ସୁଯୋଗ ପାଇଛନ୍ତି। ଏମାନଙ୍କ ବ୍ୟତୀତ ହ୍ୟାରୀ ବ୍ରୁକ୍, ଲିଆମ ଲିଭଙ୍ଗଷ୍ଟୋନ ଓ ସାମ କରାନ ରହିଛନ୍ତି। ସ୍ପିନର ବୋଲିଂ ଦାୟିତ୍ୱ ଆଦିଲ ରଶିଦ ଓ ଟମ ହାର୍ଟଲୀ ନେବେ। ଆର୍ଚର, କରାନ ଓ ଜୋର୍ଡାନଙ୍କ ବ୍ୟତୀତ ଦ୍ରୁତ ବୋଲର ଭାବେ ସ୍କ୍ୱାଡ୍‌ରେ ରେସ୍ ଟପ୍‌ଲୀ ଓ ମାର୍କ ଉଡ୍ ରହିଛନ୍ତି।

ଇଂଲଣ୍ଡର ବିଶ୍ୱକପ ସ୍କ୍ୱାଡ୍ : ଜୋଶ ବଟଲର(ଅଧିନାୟକ), ମୋଇନ ଅଲୀ, ଜୋଫ୍ରା ଆର୍ଚର, ଜନ୍ନି ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ସାମ କରାନ, ବେନ ଡକେଟ, ଟମ୍ ହାର୍ଟଲୀ, ୱିଲ ଜ୍ୟାକ୍ସ, କ୍ରିସ ଜୋର୍ଡାନ, ଲିଆମ ଲିଭଙ୍ଗଷ୍ଟୋନ, ଆଦିଲ ରଶିଦ, ଫିଲ ସଲ୍ଟ, ରେସ୍ ଟପ୍‌ଲୀ ଓ ମାର୍କ ଉଡ୍।

## ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ମାର୍କରମ, ବାଦ୍ ପଡ଼ିଲେ ରୁସୋ

**କେପ୍ ଟାଉନ**

ଆସନ୍ତା ଜୁନ୍ ୨ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ ପାଇଁ ଦକ୍ଷିଣ ଆଫ୍ରିକା ତା'ର ସ୍କ୍ୱାଡ୍ ଘୋଷଣା କରିଛି। ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ବିସ୍ଫୋରକ ବ୍ୟାଟର ଏଡେନ ମାର୍କରମ ନେବେ। ପ୍ରଥମଥର ପାଇଁ ସେ କୌଣସି ଆଇସିସି ଇଭେଣ୍ଟରେ ଦକ୍ଷିଣ ଆଫ୍ରିକାର କମାଣ ସମ୍ଭାଳିବାକୁ ଯାଉଛନ୍ତି।

ଦକ୍ଷିଣ ଆଫ୍ରିକାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ନଥିବା ଦୁଇ ଖେଳାଳି କ୍ୱିଣ୍ଟନ ଡିକକ ଓ ଅନରିଚ୍ ନୋରଖିଆ ଦଳକୁ କମ୍‌ବ୍ୟାକ୍ କରିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପରେ ଡିକକ୍ ଓ ନୋରଖିଆ ଦକ୍ଷିଣ ଆଫ୍ରିକାର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାହାରି ଯାଇଥିଲେ। କିନ୍ତୁ ଉଭୟଙ୍କୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ୨୦୨୪ ଟି-୨୦ ବିଶ୍ୱକପ ୧୫ ଜଣିଆ ସ୍କ୍ୱାଡ୍‌ରେ ରଖିଛି। ଅନ୍ୟପକ୍ଷରେ ଖରାପ ଫର୍ମ ଦେଇ ଗତି କରୁଥିବା ରାଇସେଲ ରୁସୋଙ୍କୁ ୧୫ ଜଣିଆ ସ୍କ୍ୱାଡ୍‌ରେ ସୁଯୋଗ ମିଳିନାହିଁ। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍‌ରେ ନିଜର ଛାପ ଛାଡ଼ିଥିବା ଦୁଇ ଯୁବ ଖେଳାଳି ରାୟନ ରିକେଲଟନ ଓ ଓଣ୍ଟିନେଲ ବାର୍ଟମାନଙ୍କୁ ପ୍ରଥମଥର ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଚୟନ କରାଯାଇଛି।

ଦକ୍ଷିଣ ଆଫ୍ରିକା ଟି-୨୦ରେ ରିକେଲଟନ ଏମଆଇ କେପ ଟାଉନ ପକ୍ଷରୁ ଖେଳିଥିଲେ। ସେ ୧୭୩.୭୭ ଷ୍ଟ୍ରାଇକ ରେଟ୍‌ରେ ୫୩୦ କରିଥିଲେ। ସେହିପରି ବାର୍ଟମାନ ସନ ରାଇଜର୍ସ ଇଷ୍ଟର୍ଣ୍ଣ କେପ୍ ପକ୍ଷରୁ



ଖେଳୁଥିଲେ। ସେ ପୂରା ଟୁର୍ଣ୍ଣାମେଣ୍ଟରେ ୧୮ଟି ୱିକେଟ ନେବା ସହ ଦଳକୁ ଚାମ୍ପିୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏମାନଙ୍କ ବ୍ୟତୀତ ଦଳରେ ରେଜା ହେଣ୍ଡ୍ରିକ୍ସ, ହେନରିଚ କ୍ଲାସେନ, ଡାଭିଡ ମିଲର ଓ ଯୁବ ବ୍ୟାଟର ଟ୍ରିଷ୍ଟାନ ଷ୍ଟବ୍ସ ରହିଛନ୍ତି। ଦ୍ରୁତ ବୋଲିଂ ବାହିନୀରେ ନୋରଖିଆଙ୍କ ବ୍ୟତୀତ କାଗିସୋ ରବାଡ଼ା, ମାର୍କୋ ୟାନସେନ ଓ ଗେରାଲ୍ଡ କୋଏଜି ଅଛନ୍ତି। ଦଳର ସ୍ପିନ ବୋଲିଂର ଦାୟିତ୍ୱ ବିଶ୍ୱକପରେ ବଜୋରନ ଫର୍ଚୁନ, କେଶବ ମହାରାଜ ଓ ତାବ୍ରାଇଜ ଶାମିସଙ୍କ ଉପରେ ରହିବ।

ଦକ୍ଷିଣ ଆଫ୍ରିକାର ବିଶ୍ୱକପ ସ୍କ୍ୱାଡ୍ : ଏଡେନ ମାର୍କରମ, କ୍ୱିଣ୍ଟନ ଡିକକ୍, ରାୟନ ରିକେଲଟନ ଓ ଓଣ୍ଟିନେଲ ବାର୍ଟମାନ, କାଗିସୋ ରବାଡ଼ା, ମାର୍କୋ ୟାନସେନ ଓ ଗେରାଲ୍ଡ କୋଏଜି, ରେଜା ହେଣ୍ଡ୍ରିକ୍ସ, ହେନରିଚ କ୍ଲାସେନ, ଡାଭିଡ ମିଲର, ଟ୍ରିଷ୍ଟାନ ଷ୍ଟବ୍ସ, ବଜୋରନ ଫର୍ଚୁନ, କେଶବ ମହାରାଜ ଓ ତାବ୍ରାଇଜ ଶାମିସ। ରିଜର୍ଭ ଖେଳାଳି: ନାନ୍ଦ୍ରେ ବର୍ଗର ଓ ଲୁଙ୍ଗି ଏନ୍‌ଗିଡି।

## ଦକ୍ଷିଣ ଆଫ୍ରିକା ଟି-୨୦ ବିଶ୍ୱକପ୍ ଜର୍ସି ଉନ୍ମୋଚିତ




**କେପ୍ ଟାଉନ**

ଆଗାମୀ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଦକ୍ଷିଣ ଆଫ୍ରିକା ତା'ର ନୂଆ ଜର୍ସି ଉନ୍ମୋଚନ କରିଛି। ଜର୍ସିର ରଙ୍ଗ ହଳଦିଆ ରହିଥିଲା ବେଳେ ଏହାର କାନ୍ଧରେ ଦେଶର ଜାତୀୟ ପତାକା ରହିଛି। ଦକ୍ଷିଣ ଆଫ୍ରିକାର ଜାତୀୟ ଫୁଲ କିଙ୍ଗ ପ୍ରୋଟିଆ ସାର୍ଟରେ ଭଲ ଭାବେ ପ୍ରଦର୍ଶିତ ହୋଇଛି। ଟ୍ୱେଣ୍ଟି-୨୦ ବିଶ୍ୱକପ ଜୁନ୍ ୨ରୁ ୱେଷ୍ଟ୍‌ଇଣ୍ଡିଜ୍ ଓ ଆମେରିକାରେ ଖେଳାଯିବ। ଗତ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଆଗାମୀ ସଂସ୍କରଣରେ ଦଳ ବାଂଲାଦେଶ, ଶ୍ରୀଲଙ୍କା, ନେଦରଲାଣ୍ଡ୍ସ ଓ ନେପାଳ ସହ ଗ୍ରୁପ୍-ଡିରେ ରହିଛି। ଜୁନ୍ ୩ରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଦକ୍ଷିଣ ଆଫ୍ରିକା ଅଭିଯାନ ଆରମ୍ଭ କରିବ।

## ଯଦି ଏଥର ରାଜସ୍ଥାନ ଆଇପିଏଲ୍ ଜିତିଯାଏ, ଟିମ୍ ଇଣ୍ଡିଆ ଟି୨୦ ବିଶ୍ୱକପ୍ ଜିତିବା ନିଶ୍ଚିତ !

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୪ରେ ରାଜସ୍ଥାନ ରୟାଲ୍ସ ଜବରଦସ୍ତ ପ୍ରଦର୍ଶନ ଜାରି ରଖିଛି। ଯଦି ଏହିପରି ଚାଲେ ତେବେ ଦଳ ଟାଇଟଲ ଜିତିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଅନ୍ୟ ଏକ ସଂଯୋଗ କ୍ରମେ ରାଜସ୍ଥାନ ଟ୍ରଫି ଜିତିଲେ ଟିମ୍ ଇଣ୍ଡିଆ ମଧ୍ୟ ଚଳିତ ଥର ବିଶ୍ୱକପ୍ ଜିତିବ ବୋଲି ଚର୍ଚ୍ଚା ହେଉଛି। ଉଭୟ ଟିମ୍ ମଧ୍ୟରେ ସ୍ୱତନ୍ତ୍ର ସମାନତା ରହିଛି।



କହିବାକୁ ଗଲେ ଦୀର୍ଘ ଏକ ଦଶକରୁ ଅଧିକ ସମୟ ଧରି ଟିମ୍ ଇଣ୍ଡିଆ ଆଇସିସି ଟୁର୍ଣ୍ଣାମେଣ୍ଟ ଜିତିବାକୁ ଅପେକ୍ଷା କରି ରହିଛି। ଠିକ୍ ସେମିତି ରାଜସ୍ଥାନ ମଧ୍ୟ ଆଇପିଏଲ୍ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ୨୦୧୩ରେ ଶେଷ ଥର ପାଇଁ ଧୋନୀଙ୍କ ନେତୃତ୍ୱରେ ଦଳ ଆଇସିସି ଟାଇଟଲ ଜିତିଥିଲା। ରାଜସ୍ଥାନ ମଧ୍ୟ ୨୦୦୮ ପରେ ଆଇପିଏଲ୍ ଚାମ୍ପିୟନ ହୋଇପାରିନାହିଁ। ଶେନ ୱାର୍ଣ୍ଣଙ୍କ ନେତୃତ୍ୱରେ ଦଳ ଆଇପିଏଲ୍‌ର ପ୍ରଥମ ସିଜନ ହିଁ ଜିତିପାରିଥିଲା।

ଏଯାବତ୍ ଉଭୟର ପ୍ରଦର୍ଶନ ଦେଲେ ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ସମସ୍ତେ ନିଜର ପ୍ରଦର୍ଶନ ବଳରେ ଅନ୍ୟ ଟିମ୍‌କୁ ଡୋମିନେଟ୍ କରିଥାନ୍ତି। କିଛିବର୍ଷ ଧରି ରାଜସ୍ଥାନ ସର୍ବଦା ଶ୍ରେଷ୍ଠ ୨ ଟିମ୍‌ରେ ରହି ଆସୁଥିବା ବେଳେ ଟିମ୍ ଇଣ୍ଡିଆ ମଧ୍ୟ ସେଭଳି ରହି ଆସିଛି। ହେଲେ ଏସବୁ ସତ୍ତ୍ୱେ ସବୁଥର ଫାଇନାଲ ନଚେତ ତା ପୂର୍ବରୁ ଦଳଗୁଡ଼ିକ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଥାନ୍ତି।

ଆଇପିଏଲ୍ ୨୦୨୪ରେ ରାଜସ୍ଥାନ ଶୀର୍ଷରେ ରହିଛି। ଏମିତିରେ ଯଦି ଦଳ ସେଭଳି ପ୍ରଦର୍ଶନ କରି ଟାଇଟଲ ଜିତିବାରେ ସଫଳ ହୁଏ, ତେବେ ଟିମ୍ ଇଣ୍ଡିଆ ମଧ୍ୟ ନିଜର ଆଇସିସି ଟାଇଟଲ ଜିତିବାର ସ୍ୱପ୍ନ ପୂରଣ କରିପାରେ ବୋଲି କୁହାଯାଉଛି।

## ଓଡ଼ିଶା ଫୁଟ୍‌ବଲ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଥମ ପ୍ରଶିକ୍ଷକଙ୍କ ପରଲୋକ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଅଶି, ନବେ ଦଶକରେ ଓଡ଼ିଶା ଫୁଟ୍‌ବଲ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଥମ ପ୍ରଶିକ୍ଷକ (କୋଚ୍) ଅଶୋକ କୁମାର ମହାନ୍ତିଙ୍କ ୭୭ବର୍ଷ ବୟସରେ କଟକସ୍ଥ ଶାନ୍ତି ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇ ଯାଇଛି। ତାଙ୍କ ପତ୍ନୀ କିରଣ ବାଳାଙ୍କ ୨୦୧୨ମସିହାରେ ନିଧନ ହୋଇ ଥିଲା। ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର ଓ ପୁତ୍ରବଧୂ, ଦୁଇ କନ୍ୟା ଓ ଜାମାତା, ବନ୍ଧୁ ବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତି ଅନେକ ବାର୍ ଓଡ଼ିଶା ରାଜ୍ୟ ର ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରି ଓଡ଼ିଶା ପାଇଁ ଗୌରବ ଓ ବିଜୟୀ ହେବାରେ ବିଶେଷ ଭୂମିକା ଗ୍ରହଣ କରି ତତ୍କାଳୀନ ଓଡ଼ିଶା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ବରିଷ୍ଠ ସାମ୍ବାଦିକ ସୁରେଶ ଦାସ, ଖାରବେଳ ମହାନ୍ତି, ମନୋରଞ୍ଜନ ମିଶ୍ର, ଶିବାଜୀ ମହାନ୍ତି, ପ୍ରମୁଖ ଚିତ୍ର ଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ଯଯାତି କେଶରୀ ମହାନ୍ତି, ନିତ୍ୟାନନ୍ଦ ନନ୍ଦ ଜେନା, ଲଲାଟେନ୍ଦୁ ମହାନ୍ତି, ଶ୍ରୀବତ୍ସ ସ୍ୱାଇଁ, ନୃପକେଶରୀ ମହାନ୍ତି ଓ ଶିଖରପୁର ଉପର ସାହି, ନଦୀକୂଳ ସାହି ଓ ତଳ ସାହିର ମୁରବିସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ କାଳିଆବୋଦାସ୍ଥ ଶ୍ମଶାନ ଘାଟରେ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଇଂ ଆନନ୍ଦ ଗୋପାଳ ମହାନ୍ତିଙ୍କ ଦ୍ୱାରା ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।

## କଟକ ସଦର ନିର୍ବାଚନ ମଣ୍ଡଳୀରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଜୋରଦାର ରାଲି



**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**

କଟକ ସଦର ନିର୍ବାଚନ ମଣ୍ଡଳୀର ଦ୍ୱିପାଞ୍ଚଳର ବିଭିନ୍ନ ପଞ୍ଚାୟତରେ ସୋମବାର ଅପରାହ୍ନରେ ବିଜେଡି କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରାଙ୍କର ଏକ ବଡ଼ ଧରଣର ବାଇକ୍ ରାଲି ଦେଖିବାକୁ ମିଳିଥିଲା। ଜନାର୍ଦ୍ଦନପୁର ପଞ୍ଚାୟତ ବଳରାମପୁର ହନୁମାନ ମନ୍ଦିର ଠାରୁ ଆରମ୍ଭ ହୋଇଥିବା ଏହି ନିର୍ବାଚନୀ ରାଲିରେ ହଜାର ହଜାର କର୍ମୀ ଓ ସମର୍ଥକ କଳମିଶ୍ରି ସାନ୍ତପୁର, ପାଳଦା ବନ୍ଧୁପୁର, ବାବୁଜଙ୍ଗ, ନେମାଳ ଓ ତିଲକଣା, ମହମ୍ମଦପୁର ପର୍ଯ୍ୟନ୍ତ ଯାଇ ନିର୍ବାଚନ ପ୍ରଚାର ରେସାମିଲ ହୋଇ ଥିଲେ। ପ୍ରଚାର ରାଲିରେ ବିଜେଡି ପର୍ଯ୍ୟବେକ୍ଷକ ରମେଶଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ଅଚ୍ୟୁତାନନ୍ଦ ଦାସ, ବିଶ୍ୱେନ୍ଦୁ ମହାରଣା, ନୃସିଂହ ଚରଣ ମୁଦୁଲି, ସ୍ୱାଧୀନ ଭୂୟାଁ, ଗୋବିନ୍ଦ ଦାସ ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ।

## ଶତ ପ୍ରତିଶତ ଭୋଟ୍‌ଦାନ ପାଇଁ ଜିଲ୍ଲା ପ୍ରଶାସନର ପ୍ରୟାସ

## ସମାଜର ବିଭିନ୍ନ ବର୍ଗର ମତଦାତାଙ୍କୁ ନିଜର ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଆହ୍ୱାନ

**ବାଲେଶ୍ୱର, ନ୍ୟୁଜ୍**

ଶତ ପ୍ରତିଶତ ଭୋଟଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଆଶୀଷ ଠାକରେଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅନନ୍ୟ ପ୍ରୟାସ। ଅନ୍ତର୍ଭୁକ୍ତିକରଣ ନିର୍ବାଚନ ନିମନ୍ତେ ପ୍ରତୀକାତ୍ମକଭାବେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ବୟସ୍କ ଭୋଟର, ଭିନ୍ନକ୍ଷମ, ମହିଳା ଓ କିନ୍ନର ମତଦାତାଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ରଖିଛି ଜିଲ୍ଲା ପ୍ରଶାସନ। ଏହି ପରିପ୍ରେକ୍ଷୀରେ ଗତ ୨୯ ତାରିଖ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ସଦର ବିଡ଼ିଓ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୌଶିକ ପାତ୍ର ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କୌଣସି ଭୋଟର ଯେପରି ପଛରେ ନପଡ଼ନ୍ତି ସେଥିପ୍ରତି ପ୍ରଶାସନର ନିଷ୍ଠାକୁ ଉପସ୍ୱରିଷ୍ଠ



ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଗାମୀ ନିର୍ବାଚନରେ ମତଦାନ କରିବା ପାଇଁ ସମସ୍ତ ଅତିଥିମାନେ ସଙ୍କଳ୍ପ ନେଇଥିଲେ। ନିଜ ନିଜ ସମ୍ପ୍ରଦାୟ ମଧ୍ୟରେ ମତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ମଞ୍ଚାସୀନ ଅଧିକାରୀମାନେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆମ ଜିଲ୍ଲା ଓ ରାଜ୍ୟର ଭବିଷ୍ୟତ ଗଠନରେ ପ୍ରତ୍ୟେକ ଭୋଟର ଗୁରୁତ୍ୱ ରହିଛି। ପ୍ରତିବନ୍ଧକକୁ ଭାଙ୍ଗି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବେ ଭାଗ ନେବା ପାଇଁ ସମାଜର ସବୁ ବର୍ଗକୁ ସଶକ୍ତ କରିବା ଆବଶ୍ୟକ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମତ ପ୍ରକାଶ କରିଥିଲେ। ଏଠାରେ ସୂଚନା ଥାଉ କି ଏହି ସଚେତନତା ସଭା ଜିଲ୍ଲାର ବ୍ୟାପକ ସ୍ୱିପ କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ କରାଯାଇଥିଲା। ଯେଉଁଥିରେ ସମାଜର ବିଭିନ୍ନ ବର୍ଗର ୧୦୦ ରୁ ଉର୍ଦ୍ଧ୍ୱ ଜଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଓ ନିର୍ବାଚନକୁ ଦୃଷ୍ଟିରେ ରଖି ସମଗ୍ର ଜିଲ୍ଲାରେ ଏହି ଭଳି ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।

## ବିଜେଡ଼ିରେ ଯୋଗ ଦେଲେ ବିଜେପି ଉପସଭାପତି ସନ୍ତୋଷ କୁମାର ଦାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୋରଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ଉପସଭାପତି ସନ୍ତୋଷ କୁମାର ଦାସଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ସୋରଡ଼ା ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ ଓ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସନ୍ତୋଷ କୁମାର ଦାସଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀ ମହାପାତ୍ର, ଶ୍ରୀମତୀ ସ୍ୱାଇଁ ଓ ସ୍ୱାଇଁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ସୋରଡ଼ା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ମହାପାତ୍ର, ଶ୍ରୀମତୀ ସ୍ୱାଇଁ ଓ ଶ୍ରୀ ସ୍ୱାଇଁ କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସନ୍ତୋଷ କୁମାର ସ୍ୱାଇଁ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ମଦନ ବିଶ୍ୱାଳ, ଦୂତିକୃଷ୍ଣ ପଣ୍ଡା, ଅଜୟ କୁମାର ସାହୁ, ଅଭିରାମ ସେଠୀ, ଅଶୋକ କୁମାର ସ୍ୱାଇଁ, ସନ୍ତୋଷ କୁମାର ପାତ୍ର, ବନମାଳୀ ବିଶୋଇ, ଶ୍ରୀକାନ୍ତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଋଷିକେଶନ ନାୟକ, ଭଗବାନ ପଣ୍ଡା, ସାରଦା ଶବର, ସତ୍ୟନାରାୟଣ ପ୍ରଧାନ, ସୀମା ମହାରଣା, କାହ୍ନୁ ଚରଣ ବେହେରା, ମୃତ୍ୟୁଞ୍ଜୟ ପାତ୍ର, ବିଷ୍ଣୁ ଚରଣ ଗନ୍ତାୟତ, ଦେବୀ ପ୍ରସାଦ ପାତ୍ର, ମୁରଲୀ ଗୌଡ଼, ସୀମାଞ୍ଚଳ ପଣ୍ଡା, ମୁନା ବେହେରା, ମଙ୍ଗୁଳ ନାୟକ, ମନୁ ବିଶୋଇ, ଧନୁ ବିଶୋଇ, କବି ଦଳବେହେରା, ଦେବେନ୍ଦ୍ର ଗୌଡ଼, ରବୀନ୍ଦ୍ର ବେହେରା, ପ୍ରବୀଣ ନାୟକ, ଅଶ୍ୱିନୀ ସ୍ୱାଇଁ, ଅପୂର୍ବ ପାଣିଗ୍ରାହୀ, ନୀଳାଞ୍ଚଳ ଗୌଡ଼, ଅଶୋକ ପରିଡ଼ା, ବନମାଳୀ ମିଶ୍ର, ସନ୍ତୋଷ କୁମାର ନାୟକ, ଦିବାକର ନାୟକ, ନୟନୀ ନାୟକ, ପ୍ରଫୁଲ୍ଲ ନାୟକ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର
୧ ମଇ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24











ଭୁବନେଶ୍ୱର : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାଜଧାନୀରେ ଜନଜୀବନ ବିପର୍ଯ୍ୟସ୍ତ। ରୌଦ୍ର ତାପରୁ ରକ୍ଷା ପାଇଁ ରାଜଧାନୀବାସୀଙ୍କ ପ୍ରୟାସ।
(ଫଟୋ : ସମ୍ବାଦ କଳିକା)

# ମେ' ୨ୟ ସପ୍ତାହରେ ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ

**କଟକ, ୩୦/୦୪ ନ୍ୟୁଜ ବ୍ୟୁରୋ**





ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ମାଟ୍ରିକ ପରୀକ୍ଷାଫଳ ମେ' ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ। ଉତ୍ତର ଖାତା ମୂଲ୍ୟାଙ୍କନ ତ୍ରୁଟି ଯାଞ୍ଚ ଓ ସଂଶୋଧନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି। ଚଳିତ ବର୍ଷ ତ୍ରୁଟି ଶୂନ୍ୟ ଫଳ ପ୍ରକାଶ ନେଇ ବୋର୍ଡ ଗୁରୁତ୍ୱ ଦେଉଛି। ଏଥର ପ୍ରଥମ ଥର ପାଇଁ ବୋର୍ଡ ପକ୍ଷରୁ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ପରୀକ୍ଷା ଫଳ ପ୍ରକାଶ ପାଇବାର ଦିନକ ମଧ୍ୟରେ ଛାତ୍ରଛାତ୍ରୀ ବୋର୍ଡ ୱେବ୍‌ସାଇଟ୍‌ରୁ ଡିଜିଟାଲ ସାର୍ଟିଫିକେଟ୍ ଡାଉନ୍‌ଲୋଡ କରିବେ। ଏଥିଲାଗି ଆଡମିଟ୍ କାର୍ଡର ନକଲ ପ୍ରଦାନ କରିବାକୁ ପଡିବ। ଉକ୍ତ ଅନ୍‌ଲାଇନ୍ ପ୍ରମାଣପତ୍ର ସମସ୍ତ କ୍ଷେତ୍ରରେ ଗ୍ରହଣୀୟ ହେବ। ଯଦି କୌଣସି କାରଣରୁ ଅନ୍‌ଲାଇନ୍ ପ୍ରମାଣପତ୍ର ହଜିଯାଏ ତେବେ ପୁନଃ ଅନ୍‌ଲାଇନ୍ ଯୋଗେ ନକଲ ପ୍ରମାଣପତ୍ର ଲାଗି ୫୦୦ ଟଙ୍କା ଜମା କରିବାକୁ ପଡିବ। ଫଳ ପ୍ରକାଶ ପାଇବାର ମାସକ ମଧ୍ୟରେ ପ୍ରଧାନ ଶିକ୍ଷକଙ୍କ ନିକଟରୁ ଛାତ୍ରଛାତ୍ରୀ ପ୍ରମାଣପତ୍ରର ପ୍ରିଣ୍ଟ କପି ପାଇପାରିବେ। ଅନ୍‌ଲାଇନ୍ ଯୋଗେ ପ୍ରମାଣପତ୍ର ପ୍ରଦାନ କରିବାକୁ ଥିବା ଘରୋଇ ସଂସ୍ଥା ସହ ଆଲୋଚନା ଜାରି ରଖିଛି। ଖୁବ୍ ଶୀଘ୍ର ପ୍ରମାଣପତ୍ର ଡାଟା ଅପ୍‌ଲୋଡ୍ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ନୂତନ ଭାବେ ଆରମ୍ଭ ହେବାକୁ ଥିବା ଅନ୍‌ଲାଇନ୍ ପ୍ରମାଣପତ୍ର ପ୍ରକ୍ରିୟାକୁ ତ୍ରୁଟିମୁକ୍ତ ରଖିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଫେବୃୟାରୀ ୨୦ରୁ ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତଥର ୫ଲକ୍ଷ ୫୧ହଜାର ୬୧୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ରଖିବାକୁ ୩୧୩ଟି ନୋଡାଲ ସେଣ୍ଟର ହୋଇଥିଲା।

# ରାଲି ଓ ସଭାରେ ପର୍ଯ୍ୟାପ୍ତ ଓଆରଏସ୍, ପାନୀୟ ଜଳ ରଖ

**ଭୁବନେଶ୍ୱର, ୩୦/୦୪ ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ ଓ ଉତ୍ତାପକୁ ଦେଖି ଆଗାମୀ ସପ୍ତାହ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ରାଲି ଓ ସଭା ଆୟୋଜନ କରୁଛନ୍ତି। ଏହି ସବୁ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ୍ ରଖାଯିବା ଆବଶ୍ୟକ । ଯାହା ଫଳରେ ଗ୍ରୀଷ୍ମପ୍ରବାହରୁ ଅନେକାଂଶରେ ରକ୍ଷା ପାଇପାରିବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରକାଶ କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ଜେନା ନିର୍ବାଚନ ସଂପର୍କିତ ରାଲି ଓ ସଭାମାନଙ୍କରେ ରାଜନୈତିକ ଦଳମାନେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ୍‌ର ସୁବନ୍ଦୋବସ୍ତକୁ ଜିଲ୍ଲାପାଳମାନେ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ପାନୀୟ ଜଳ ସହିତ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହକୁ ଅବ୍ୟାହତ କରିବା ପାଇଁ ଜିଲ୍ଲାପାଳମାନେ ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷଙ୍କ ସହ ନିୟମିତ ଆଲୋଚନା କରିବାକୁ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି । ଜଳଛତ୍ରକୁ ଅଧିକ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଗଣମାଧ୍ୟମ ମାଧ୍ୟମରେ ଅଂଶୁଘାତ ଓ ଅଦିନିଆ ବଜ୍ରପାତ ସଂପର୍କରେ ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ପାଇଁ ସେ ବିଭିନ୍ନ ବିଭାଗଙ୍କୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ପ୍ରକାର ବିପର୍ଯ୍ୟୟର ସୁପରିଚାଳନା ପାଇଁ ଜିଲ୍ଲା ତଥା ଉପଖଣ୍ଡ ପ୍ରଶାସନ ମାନେ



ଓଡ଼ିଶା ଡିଜାଷ୍ଟର ରିସୋର୍ସ ନେଟୱାର୍କ (ଓଡ଼ିଆରଏନ୍) ପୋର୍ଟାଲର ସାହାଯ୍ୟ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜଙ୍ଗଲରେ ନିଆଁ ଲାଗୁଥିବା ସ୍ଥାନ ଓ ତାହାର ପ୍ରଶମନ ପାଇଁ ନିଆଯାଉଥିବା ପଦକ୍ଷେପ, ପ୍ରତ୍ୟେକ ବୁଥ୍ କାନ୍ଥରେ ଗ୍ରୀଷ୍ମ ପ୍ରବାହ ଓ ବଜ୍ରପାତ ସଂପର୍କିତ ସଚେତନତା ବାର୍ତ୍ତା ଲଗାଇବା, ଡାକ୍ତରଖାନା ମାନଙ୍କର ଆଇସିୟୁ ଗୁଡିକର ସୁବ୍ୟବସ୍ଥା ଆଦି ସଂପର୍କରେ ବିଷଦ ଆଲୋଚନା ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ, ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କୋଟିଏ ଟଙ୍କାର ମହୁଲ ଫୁଲ ଜବତ : ୫ ଗିରଫ

**କେନ୍ଦୁଝର, ୩୦/୪ ନ୍ୟୁଜ ବ୍ୟୁରୋ**

ବେଆଇନ ଭାବେ ଚାଲାଣ ବେଳେ କୋଟିଏ ଟଙ୍କାରୁ ଅଧିକ ମୂଲ୍ୟର ମହୁଲ ଫୁଲ ଜବତ ହୋଇଛି। ମହୁଲ ଫୁଲ ଭର୍ତ୍ତି ଗୋଟିଏ ଟ୍ରକ୍ ଓ ୪ଟି ବୋଲେରୋ ଜବତ ହୋଇଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରିଛି କେନ୍ଦୁଝର ଅବକାରୀ ବିଭାଗ। କେନ୍ଦୁଝର ଟାଉନ୍ ଥାନା ନିକଟରୁ ଅବକାରୀ ବିଭାଗ ୨୮୦ କ୍ୱିଣ୍ଟାଲ୍ ମହୁଲ ଫୁଲ, ଟ୍ରକ୍ ଓ ୪ଟି ବୋଲେରୋ ଜବତ କରିଛି। ଏହି ମାମଲାରେ ପୁଲିସ୍ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣାସ୍ଥଳରୁ ଅନ୍ୟ ୨ଜଣ ଫେରାର୍ ହୋଇଯାଇଛନ୍ତି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉକୁ ଜୋରଦାର କରାଯାଇଥିବା ସୂଚନା ଦେଇଛନ୍ତି ଅବକାରୀ ସୁପରିଟେଣ୍ଡେଣ୍ଟ ଦିବ୍ୟ ରଞ୍ଜନ ଦୀପ । ଏନେଇ କେନ୍ଦୁଝର ଜିଲ୍ଲା ଅବକାରୀ ବିଭାଗର ଡେପୁଟି ସୁପରିଟେଣ୍ଡେଣ୍ଟ ଦିବ୍ୟରଞ୍ଜନ ଦୀପ କହିଛନ୍ତି, ବେଆଇନ ଭାବେ ମହୁଲ ଫୁଲ ଚାଲଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢ଼ଉ କରିଥିଲୁ। ଚଢ଼ଉ ସମୟରେ ଏକ ୧୬ ଚକିଆ ଟ୍ରକ, ୪ଟି ବୋଲେରୋରେ ଭର୍ତ୍ତି କରି ବିଭିନ୍ନ ସ୍ଥାନକୁ ପଠାଉଥିଲେ। ଏହି ଘଟଣାରେ ସମୁଦାୟ ୫ଜଣଙ୍କୁ ଗିରଫ କରାଯାଇଛି।



# ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭କୁ ବୃଦ୍ଧି



## ସତର୍କ ରହିବାକୁ ପରାମର୍ଶ ଦେଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୩୦/୦୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜାରି ରହିଛି ଭୀଷଣ ଗ୍ରୀଷ୍ମ ପ୍ରବାହ । ତାପମାତ୍ରା ଯେତିକି ଯୋରରେ ବଢୁଛି ଅଂଶୁଘାତ ଜନିତ ଆକ୍ରାନ୍ତଙ୍କ ସଂଖ୍ୟା ସେତିକି ବୃଦ୍ଧି ପାଉଛି। ଅଂଶୁଘାତରେ ଓଡ଼ିଶାରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଥିବା ବେଳେ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢୁଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୫୦ରୁ ଅଧିକ ଜଣ ଅଂଶୁଘାତରେ ପୀଡ଼ିତ ହେଲେଣି । ଯାହାକୁ ନେଇ ସତର୍କ କରାଇଛି ସ୍ୱାସ୍ଥ୍ୟ ବିଭାଗ । ରାଜ୍ୟରେ ବର୍ତ୍ତମାନ ଅଂଶୁଘାତ ଏକ ଜଟିଳ ସମସ୍ୟା ପାଲଟିଛି । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, 'ଏସିଆରେ ସବୁଠାରୁ ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାରୁ କିଛି ସହର ରହିଛି। ମଙ୍ଗଳବାର ସୁଦ୍ଧା ୩୬୭ ଜଣ ଚିକିତ୍ସା ପାଇଁ ଆସିଛନ୍ତି । ସେଥିମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୬୦ଜଣ ରହିଛନ୍ତି । ଏହାସହ ମୟୂରଭଞ୍ଜରେ ୫୦ ରହିଥିବା ସହ ଦୁଇ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ସୂଚନା ରହିଛି। ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଖରାକୁ ନଯାଆନ୍ତୁ, ଘର ମଧ୍ୟରେ ରୁହନ୍ତୁ । ଆବଶ୍ୟକ ନପଡ଼ିଲେ ବାହାରକୁ ବାହାରନ୍ତୁ ନାହିଁ। ଯଦି ବାହାରକୁ ଯାଉଛନ୍ତି ତେବେ ଓଦା ଗାମୁଛା, ଗଛ ଛାଇରେ ରୁହନ୍ତୁ । ଅଂଶୁଘାତ ଜନିତ କିଛି ଲକ୍ଷଣ ଦେଖାଦେଲେ ସେଥିପ୍ରତି ସତର୍କ ରୁହନ୍ତୁ। ନିରଞ୍ଜନ ମିଶ୍ର ଏହା ମଧ୍ୟ କହିଛନ୍ତି, ଅଂଶୁଘାତ ପାଇଁ ସତର୍କ ରହିବାକୁ ସବୁ ଡାକ୍ତରଖାନାକୁ କୁହାଯାଇଛି । ଜିଲ୍ଲା ହସ୍ପିଟାଲ, ସିଏଚ୍‌ସି, ପିଏଚ୍‌ସି ଗୁଡିକରେ ବେଡ୍‌ର ବ୍ୟବସ୍ଥା ସହ ଆବଶ୍ୟକୀୟ ମେଡ଼ିସିନ ପ୍ରସ୍ତୁତ ରଖାଯାଇଛି । ହିଟ୍ କ୍ରାମ୍ପସ, ହିଟ୍ ଷ୍ଟ୍ରୋକସର ଶିକାର ହୋଇ ଆସୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ଦିଆଯିବା ପାଇଁ ପ୍ରସ୍ତୁତ ଅଛି ହସ୍ପିଟାଲ। ଅଂଶୁଘାତ ଚିକିତ୍ସା ପାଇଁ ନିକଟରେ ୩ ଦିନ ଧରି ଶିଶୁରୋଗ ଓ ମେଡିସିନ ବିଭାଗ ଡାକ୍ତରମାନଙ୍କୁ ଟ୍ରେନିଂ ଦିଆଯାଇଛି । ଅଂଶୁଘାତ ମୃତ୍ୟୁ ହେଲେ ଇନକ୍ୱାରି ପାଇଁ ଜିଲ୍ଲା ସ୍ତରରେ ଟିମ୍ ପ୍ରସ୍ତୁତ କରାଯାଇଛି । ସୂଚନା ଅନୁଯାୟୀ, ପ୍ରବଳ ଖରା ଓ ହିଟ୍ ୱେବ୍ ସ୍ଥିତିକୁ ଦେଖି ଅଂଶୁଘାତ ମୁକାବିଲା ପାଇଁ ସଜାଗ ରହିଛି ସ୍ୱାସ୍ଥ୍ୟ ବିଭାଗ । ପ୍ରତି ଜିଲ୍ଲା ହସ୍ପିଟାଲରେ ୬ଟି ବେଡ୍, ସିଏଚସିରେ ୨ ଟି ଓ ପିଏଚସିରେ ଗୋଟିଏ ଲେଖାଏଁ ବେଡ୍ ମହଜୁଦ ରହିଛି । ଡାକ୍ତରମାନେ ୨୪ ଘଣ୍ଟା କିଭଳି ରୋଟେଶନରେ ଡ୍ୟୁଟି କରିବେ ସେଥିପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ଡାକ୍ତରମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି । ପ୍ରତିଦିନ ତଥ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତଗତ କରାଯାଉଛି ।

# ଆଡମିରାଲ ଦୀନେଶ ତ୍ରିପାଠୀ ନୌସେନାର ନୂତନ ମୁଖ୍ୟ

**ନୂଆଦିଲ୍ଲୀ,୩୦।୪**



ଭାରତୀୟ ନୌସେନାକୁ ମିଳିଛି ନୂତନ ମୁଖ୍ୟ। ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ମଙ୍ଗଳବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ନୌସେନାର ଉପମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ। ନୌସେନା ମୁଖ୍ୟ ଭାବେ ଆଡମିରାଲ ହରି କୁମାରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ତାଙ୍କୁ ଏହି ପଦବୀ ପାଇଁ ଚୟନ କରାଯାଇଥିଲା । ମଙ୍ଗଳବାର ଦିଲ୍ଲୀରେ ନୌସେନା ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ବର୍ତ୍ତମାନର ନୌସେନା ମୁଖ୍ୟ ପିଭିଏସ୍‌ଏମ୍, ଏଭିଏସ୍‌ଏମ୍, ଭିଏସ୍‌ଏମ୍ ଆଡମିରାଲ ଆର. ହରି କୁମାରଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ଏବେ ୨୬ ତମ ଭାରତୀୟ ନୌସେନା ମୁଖ୍ୟ ହୋଇଛନ୍ତି ଆଡମିରାଲ ତ୍ରିପାଠୀ । ସେ ନୌସେନାରେ ପ୍ରାୟ ୪୦ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି । ଏକାଧିକ ଗୁରୁ ଦାୟିତ୍ୱ ଓ ସାମୁଦ୍ରିକ ମିଶନର ନେତୃତ୍ୱ ମଧ୍ୟ ନେଇଛନ୍ତି । ୧୯୬୪ ମସିହା ମେ' ମାସ ୧୫ ତାରିଖରେ ଜନ୍ମଗ୍ରହଣ କରିଥିବା ଭାଇସ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ୧୯୮୫ ମସିହା ଜୁଲାଇ ପହିଲାରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ସେ ପ୍ରାରମ୍ଭିକ ସମୟରେ ଜଣେ ନୌସନିକ ଭାବେ କାର୍ଯ୍ୟନିର୍ବାହୀ ଶାଖାରେ ଯୋଗ ଦେଇଥିଲେ। ଜଣେ ଯୋଗାଯୋଗ ଏବଂ ବୈଦ୍ୟୁତିକ ଯୁଦ୍ଧ ବିଶେଷଜ୍ଞ ଭାବେ ତାଙ୍କର ଅଭିଜ୍ଞତା ରହିଛି । ସେ ପ୍ରାୟ ୩୯ ବର୍ଷ ଧରି ନୌସେନାରେ ଏକାଧିକ ବରିଷ୍ଠ କମାଣ୍ଡିଂ ପଦରେ କାର୍ଯ୍ୟଭାର ସମ୍ଭାଳିଛନ୍ତି । ନୌସେନାର ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ପଶ୍ଚିମ-ନୌସେନା କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ-ଇନ-ଚିଫ୍ ଭାବରେ ମୁମ୍ବାଇ ନୌସେନା ବେସରେ କାର୍ଯ୍ୟରତ ଥିଲେ। କାର୍ଯ୍ୟଭାର ସମ୍ଭାଳିବା ପରେ ଆଡମିରାଲ ତ୍ରିପାଠୀ କହିଛନ୍ତି, ସେ ନୌସେନାରେ ନୂତନ ପଦ୍ଧତି ସାମିଲ କରି ଆତ୍ମନିର୍ଭର କରିବା ପ୍ରୟାସକୁ ଆଗକୁ ନେବେ। ସାମୁଦ୍ରିକ ସୀମାରେ ଦେଖାଯାଉଥିବା ଚ୍ୟାଲେଞ୍ଜକୁ ଦେଖି ଭାରତୀୟ ନୌସେନାକୁ ସମ୍ଭାବିତ ଶତ୍ରୁଙ୍କ ମୁକାବିଲା କରିବା ଲାଗି ପରିଚାଳନାଗତ ଦୃଷ୍ଟି ଉପରେ ନଜର ରଖିବାକୁ ହେବ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଜେଲ୍‌ରେ ଅଛନ୍ତି ୨୯ଶିଶୁ : ଆଇନ ଫାଶରେ ବନ୍ଧା ପଡ଼ିଛି ଭାଗ୍ୟ

**ଭୁବନେଶ୍ୱର, ୩୦/୦୪ ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଜେଲ୍‌ରେ ଅଛନ୍ତି ୨୯ଜଣ ଶିଶୁ। ସେମାନେ କିଛି ଅପରାଧ ନକରି ମଧ୍ୟ ଜେଲ୍‌ରେ ମା' ସହ ଏକପ୍ରକାର ସଜା କାଟୁଛନ୍ତି। ଜନ୍ମ ହେବା ପରେ ଜେଲ୍‌ର ଚାରିକାନ୍ଥ ହିଁ ସେମାନଙ୍କର ଦୁନିଆ ପାଲଟି ଯାଇଛି। ଦୁର୍ଭାଗ୍ୟବଶତଃ କୌଣସି ଗର୍ଭବତୀ ମହିଳା ଅପରାଧରେ ଜେଲ୍‌କୁ ଗଲେ ସେଠାରେ ସେମାନଙ୍କର ଶିଶୁ ଜନ୍ମ ନେଇଥାଏ। ଫଳରେ ନିୟମ ନଥିଲେ ହେଁ ବାଧ୍ୟବାଧକତାରେ ସେହି ଶିଶୁ ମା' ସହ ୬ ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରହିଥାଏ। ଆଇନ ଏବଂ ମାତୃତ୍ୱ ସ୍ନେହ ଭିତରେ ବିଚରା ଶିଶୁ ଫସି ଯାଉଛନ୍ତି। ସେମାନଙ୍କୁ ଅଲଗା କରିବାକୁ ଚାହିଁଲେ ମଧ୍ୟ ସେଥିପାଇଁ ଆମ ଆଇନ ଅନୁମତି ଦେଉନି। ଏଥିଯୋଗୁଁ ଶିଶୁମାନଙ୍କର ଭାଗ୍ୟ ଏବଂ ଭବିଷ୍ୟତ ଅନ୍ଧକାର ହୋଇପଡୁଛି। ଜେଲ୍‌ରେ ଶିଶୁ ରହିଲେ, ସେମାନଙ୍କ ଉପଯୁକ୍ତ ଯତ୍ନ ନିଆଯାଇପାରୁନି। ଶିଶୁଯତ୍ନ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଯାହା ଗାଇଡ୍‌ଲାଇନ୍ ରହିଛି, ତାହା ମଧ୍ୟ ପାଳନ କରାଯାଉନି। ଫଳରେ ଶିଶୁର ବୌଦ୍ଧିକ, ମାନସିକ ବିକାଶ ହୋଇପାରୁନି। ନିୟମ ଅନୁସାରେ ଜେଲ୍ ଭିତରେ ଶିଶୁଙ୍କ ଖେଳିବା ପାଇଁ ପାର୍କ, କ୍ରେଚ୍ ରହିବା ସହ ପାଠ ପଢ଼ିବା ପାଇଁ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା କରିବା ଆବଶ୍ୟକ। କିନ୍ତୁ



କୌଣସି ଜେଲ୍‌ରେ ତାହା କରାଯାଇନାହିଁ। ସେମାନେ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଶିଶୁଙ୍କୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବାହାରେ ରଖାଯାଇ ଯତ୍ନ ନେବାକୁ ଏକାଧିକବାର ଅପିଲ୍ ହୋଇଥିଲେ ମଧ୍ୟ ମା'ଠାରୁ ଶିଶୁକୁ ଅଲଗା କରିବା ସମ୍ଭବ ହୋଇପାରୁନି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶିଶୁଟି ଯେଉଁଠି ଜନ୍ମ ହୋଇଥାଏ, ଜନ୍ମ ସାର୍ଟିଫିକେଟ୍‌ରେ ଉକ୍ତ ସ୍ଥାନର ନାମ ଲେଖାଯାଇଥାଏ। କିନ୍ତୁ ଜେଲ୍‌ରେ ଜନ୍ମ ନେଉଥିବା ଶିଶୁଙ୍କ ସାର୍ଟିଫିକେଟ୍‌ରେ ଜନ୍ମସ୍ଥାନର ନାମ ଜେଲ୍ ବୋଲି ଉଲ୍ଲେଖ ନ କରିବାକୁ ନିୟମ ରହିଛି। ଏପରି ଶିଶୁ ବଡ଼ ହେଲା ପରେ ସାଙ୍ଗସାଥୀ, ବନ୍ଧୁ-ପରିଜନ ଓ ସମାଜରେ ଥଟ୍ଟା, ପରିହାସର ଶିକାର ହେବାର ସମ୍ଭାବନା ଥିବାରୁ ଏହି ନିୟମ କରାଯାଇଛି। କିନ୍ତୁ ଏହି ନିୟମକୁ ଏବେ ଅନେକ ଜେଲ୍ ପାଳନ କରୁନଥିବା ଅଭିଯୋଗ ଆସୁଛି। ସେହିପରି ଜେଲ୍‌ରେ ଶିଶୁ ଜନ୍ମ ଦେଇଥିବା ମା' ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକ ରହିଛି। ଯେଉଁ ମହିଳାମାନେ ଛୋଟ ଛୋଟ ଅପରାଧରେ ଜେଲ୍‌ରେ ଅଛନ୍ତି, ସେମାନଙ୍କୁ ଯେପରି ଶୀଘ୍ର ଜାମିନ୍ ମିଳିବ ସେନେଇ ବ୍ୟବସ୍ଥା କରିବାକୁ ନିୟମ ରହିଛି। କିନ୍ତୁ ତାହା ହେଉନାହିଁ। ସେହିପରି ସମ୍ବେଦନଶୀଳ ମାମଲା ଯଥା ହତ୍ୟା ଏବଂ ଅନ୍ୟାନ୍ୟ ଅପରାଧରେ ସଂପୃକ୍ତ ମହିଳା ଜେଲ୍‌ରେ ଶିଶୁ ଜନ୍ମ ଦେଲେ, ତାଙ୍କର ଯେପରି ଶୀଘ୍ର ଟ୍ରାଏଲ (ଶୁଣାଣି) ହେବ ସେନେଇ ଫାଷ୍ଟଟ୍ରାକ୍ କୋର୍ଟରେ ବ୍ୟବସ୍ଥା କରିବାକୁ କୁହାଯାଇଛି। କିନ୍ତୁ ତାହା ମଧ୍ୟ କରାଯାଉନି। ଏ ସଂପର୍କରେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି ଯେ ୨୦୦୬ରେ ସୁପ୍ରିମ୍‌କୋର୍ଟ ଜେଲ୍‌ରେ ଶିଶୁଙ୍କ ପାଇଁ ଯେଉଁ ଗାଇଡଲାଇନ୍ କରିଥିଲେ, ତାହା ପାଳନ କରାଯାଉନି। ତେଣୁ ଜେଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ଏନେଇ ଚାଇଲ୍ଡଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ଯେ ମା' ସହ ଜେଲ୍‌ରେ ଶିଶୁ ରହିବା ନିୟମ ସଂଗତ ନୁହେଁ। କିନ୍ତୁ ମା'ର ସ୍ନେହ ଆଗରେ ଆଇନ ହାତ ରହୁଛି। ଶିଶୁଙ୍କୁ ଜେଲ୍ ବାହାରକୁ ଆଣି ଉଚିତ ସୁବିଧା ଦେବାକୁ ଏକାଧିକଥର କୋର୍ଟରେ ଅପିଲ କରାଯାଇଛି। କିନ୍ତୁ ତାହା ସଫଳ ହୋଇନି।

## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା'ର ମେ' ମାସ ସଂଖ୍ୟା, ୨୦୨୪





### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ।
**ଅନ୍ୟଭାଷାର କଥା :** ସାରଦା ରଥ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)